## ସଂକ୍ଷେପରେ

### ବିଭିନ୍ନ ଶୈବପୀଠରେ ପାଟପର୍ବ, ପଞ୍ଚମ ଅର୍ଘ୍ୟ

ବାଲିଆପାଳ, ୯।୪ (ରାଜଶ୍ରୀ ପାଣିଗ୍ରାହୀ):

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ପ୍ରମୁଖ ଶୈବପୀଠରେ ଚଳିତବର୍ଷ ଚଡ଼କ ପର୍ବ ବୁଧବାରଠାରୁ ଆରମ୍ଭ ହୋଇଛି। ୧୨ତାରିଖରେ ନୀଳ ପର୍ବ ଏବଂ ୧୩ ତାରିଖରେ ପାଟ ପର୍ବ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ଜଣାପଡିଛି। ବାଲିଆପାଳ ବ୍ଲକରେ ବାବା ଲଙ୍ଗଳେଶ୍ୱରସ୍ଥିତ ହରପାର୍ବତୀ ଶୈବପୀଠ, ନାଭେଡେଶ୍ୱର, ଖଗେଡେଶ୍ୱର, ନିଖିରେଶ୍ୱର, ଭକ୍ତେଶ୍ୱର ଆଦି ପୀଠରେ ଶହ ଶହ ଶ୍ରଦ୍ଧାଳୁ ଉପବୀତ ଧାରଣ କରିଛନ୍ତି। ଏହି ଅବସରରେ ପାଟ ଭକ୍ତା, ଶ୍ରୀ ବେକଡି, ଘଟୁଆଳ, ଦେଉଳିଆ, ମାଳିଭକ୍ତା, ଆଲମଧାରୀ, ଚନ୍ଦନିଆ, ମାଣିକ ଭକ୍ତା, ଭଣ୍ଡାରିଆ, ଦାନ୍ତକାଠିଆ, ଘଣ୍ଟାଳିଆ, ବାଦକଭକ୍ତା ପ୍ରମୁଖ ରହିଛନ୍ତି। ଗୁରୁବାର ସମସ୍ତ ପୀଠରେ ପଞ୍ଚମ ଅର୍ଘ୍ୟ ସୁଚାରୁ ରୂପେ ସମ୍ପୂର୍ଣ୍ଣ ହୋଇଯାଇଛି। ୧୧ ତାରିଖରେ କାମିନୀ ବିବାହ ଅନୁଷ୍ଠିତ ହେବ। କେତେକ ପୀଠରେ ସନ୍ଧ୍ୟାରେ ଭଜନ ସନ୍ଧ୍ୟା, କୀର୍ତ୍ତନ, ପ୍ରବଚନ, ଦାଶକାଠିଆ, ପିଲାଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଉଛି। ଖଗଡେଶ୍ୱର ପୀଠରେ ନୀଳ ଏବଂ ପାଟ ପର୍ବକୁ ଶୃଙ୍ଖଳିତ କରିବା ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି ବୋଲି କମିଟି ସଭାପତି ମଧୁସୂଦନ ସାହୁ, ସମ୍ପାଦକ ସୁଶାନ୍ତ ଚକ୍ରବର୍ତ୍ତୀ, ମୂରଲୀମୋହନ ସାହୁ, ପ୍ରଫୁଲ୍ଲ ସାହୁ ଓ କୁଞ୍ଜବିହାରୀ ବାରିକ କହିଛନ୍ତି।

### ଅଗ୍ନିବିପନ୍ନ ପରିବାରକୁ ସହାୟତା

ନୀଳଗିରି, ୯।୪(ପ୍ରଶାନ୍ତ ବିଶ୍ୱାଳ):

ନୀଳଗିରି ବ୍ଲକ ଗରଡି ପଞ୍ଚାୟତ ଚାଇଁନ୍ଦର ଗାଁରେ ଗତ ରବିବାର ଏକ ଆଦିବାସୀ ଘରେ ନିଆଁ ଲାଗିଥିଲା। ବିପନ୍ନ ପରିବାରକୁ କଂଗ୍ରେସ ବ୍ଲକ ସଭାପତି ତପନ କୁମାର ରାଉତ ପରିବାର ପାଖରେ ପହଞ୍ଚି ସହାୟତା କରିଛନ୍ତି।

ଉକ୍ତ ଗ୍ରାମର ସ୍ୱର୍ଗତ ଛାଟିଆ ସିଂଙ୍କ ସ୍ତ୍ରୀ ସୁଷମାଙ୍କ ଘର ପୋଡ଼ିଯାଇଥିବା ଖବରପାଇ କଂଗ୍ରେସ ବ୍ଲକ ସଭାପତି ରାଉତ ପହଞ୍ଚି ସମବେଦନା ଜଣାଇବା ସହିତ କିଛି ଶୁଖିଲା ଖାଦ୍ୟ ଓ ଲୁଗାପଟା କିଣିବା ପାଇଁ କିଛି ଆର୍ଥିକ ସହାୟତା କରିଛନ୍ତି। ଏଥିସହିତ ତୁରନ୍ତ ସରକାରୀ ସହାୟତା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ଫୋନରେ ଯୋଗାଯୋଗ କରି ତଦନ୍ତ ପୂର୍ବକ ଯଥାଶୀଘ୍ର ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ସୁଷମା ସିଂଙ୍କ ନାମରେ ଆସିଥିବା ଆବାସର ମାତ୍ର ଗ୍ରେଡବିମ୍ ପଡିଯାଇଥିଲେ ମଧ୍ୟ ତାଙ୍କ ନାମରେ ଆସିଥିବା ଟଙ୍କାକୁ ଠିକାଦାର ହଡପ କରିନେଇଥିବା ସୁଷମା ଅଭିଯୋଗ କରିଛନ୍ତି। ରାଉତ୍ ଉପରିସ୍ଥ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇ ଉପଯୁକ୍ତ ତଦନ୍ତ ଆଧାରରେ ଏହାର ସମାଧାନ କରିବାକୁ ଆଶ୍ୱାସନା ଦେଇଛନ୍ତି। ସହାୟତା ଦେବା ବେଳେ ରାଉତଙ୍କ ସହିତ ଗରଡି ପଞ୍ଚାୟତ କଂଗ୍ରେସ ସଭାପତି ଚୈତନ୍ୟ ନାୟକ, ବରିଷ୍ଠ କଂଗ୍ରେସ ନେତା ଭାସ୍କର ମହାପାତ୍ର ଓ ଲମ୍ବୋଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦନେଶ୍ୱର ମହାଦେବଙ୍କ ୫ ଅର୍ଘ୍ୟରେ ଲକ୍ଷାଧିକ ଶ୍ରଦ୍ଧାଳୁ

- ୨୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ
- ସୁରକ୍ଷା ବ୍ୟବସ୍ଥା କଡାକଡି

ଭୋଗରାଇ, ୯।୪(ପ୍ରଦୀପ ଦାସ):

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଶ୍ରୀଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କମେଳା ଚଳିତମାସ ୩ ତାରିଖରୁ ଶୁଭାରମ୍ଭ ହୋଇଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବାଂଲାଦେଶରୁ ଅସଂଖ୍ୟ ଶୈବଭକ୍ତ ଆଗମନରେ ଶୈବପୀଠ ମୁଖରିତ ହୋଇଛି। ହୁଗୁଳି ଗ୍ରାମରେ ଜଳଯନ୍ତ୍ର ଦେବତାଙ୍କଠାରେ ଗୁରୁବାର ଶ୍ରଦ୍ଧାଳୁଙ୍କ ୫ ଅର୍ଘ୍ୟ ଉପବୀତ ଧାରଣ ନିମନ୍ତେ ଲକ୍ଷାଧିକ ଶୈବଭକ୍ତଙ୍କ ସୁଅ ଛୁଟିଛି। ଭିଡ଼ ନିୟନ୍ତ୍ରଣ ଲାଗି ୨୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ମନ୍ଦିର ସମେତ ସିଂହଦ୍ୱାର ଓ ଦକ୍ଷିଣ ଦ୍ୱାରରେ ସିସି କ୍ୟାମେରା ଖଞ୍ଜାଯାଇଛି। ଉପବିତଧାରୀ ଭକ୍ତଙ୍କ ଲାଗି ୧୦ଟଙ୍କା ଟିକେଟ ବାଧ୍ୟତାମୂଳକ କରାଯାଇଛି। ଗୁରୁବାର ୫ଅର୍ଘ୍ୟରେ ମହାଦେବଙ୍କ


ଶ୍ରୀଚନ୍ଦନେଶ୍ୱର ମହାଦେବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ।

ମୁଖ୍ୟ ସେବାୟତ ମୌରସୀ ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡା ଜୀଉଙ୍କଠାରେ ଆଜ୍ଞାମାଳ ନେବା ପରେ ଶ୍ରେଷ୍ଠ ପାଟଭକ୍ତ ହରିଶ ଚନ୍ଦ୍ର ସାହୁ, ଦେଉଳିଆ ଅଜିତ ପାତ୍ରଙ୍କ ସମେତ ଶ୍ରୀବେକଡି, ବାଦ୍ୟକାରମାନେ କୌଳିକ ରୀତି ଓ ନୀତି ଅନୁଯାୟୀ ମନ୍ଦିର ପରିକ୍ରମା ସହିତ ଜୀଉଙ୍କ ଅର୍ଘ୍ୟ ପିଣ୍ଡରେ ରାତି ୮ ଟାରେ ଉପବୀତଧାରୀ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଅର୍ଘ୍ୟଦାନ କରିଛନ୍ତି। ଜଗନ୍ନାଥପୁର ଓ ବାଡ଼ସରିସାଠାରେ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିବା ଓ ସମ୍ବେଦନଶୀଳ ସ୍ଥାନରେ ୨୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଅତିରିକ୍ତ ଜିଲା ଆରକ୍ଷୀ ନିରଞ୍ଜନ ବେହେରା ଓ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଟ୍ରଷ୍ଟବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟ କୁମାର ନାୟକ, ଭୋଗରାଇ ଥାନାଧିକାରୀ ଜ୍ଞାନରଞ୍ଜନ ସାହୁ, ତାଳସାରୀ ମେରାଇନ ଥାନାଧିକାରୀ ପ୍ରଣବ କୁମାର ମହାରଣାଙ୍କ ସହ ବହୁ ଉଚ୍ଚ ପୋଲିସ ଅଧିକାରୀ ଉପସ୍ଥିତ ହୋଇ ପ୍ରସିଦ୍ଧ ମେଳା ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି। ଏସ୍‌ପି ପ୍ରତ୍ୟୁଷ ଦିବାକର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ୧୫୦ ଗ୍ରାମ୍ ବ୍ରାଉନସୁଗାର ଜବତ: ୨ ଗିରଫ

ବାଲେଶ୍ୱର, ୯।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ):

ବାଲେଶ୍ୱର ଅବକାରୀ ପୋଲିସ ଗୁରୁବାର ପୂର୍ବାହ୍ନରେ ଖନ୍ତାପଡ଼ା ଓ ସଦର ଥାନାର ଦୁଇଟି ସ୍ଥାନରେ ଚଢାଉ କରି ୧୫୦ ଗ୍ରାମ୍ ବ୍ରାଉନସୁଗାର୍ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଖନ୍ତାପଡ଼ା ଥାନା ଶେରଗଡ଼ ଗ୍ରାମର ଶଶଧର ରାଉତ (୫୨) ଏବଂ ଏହି ଥାନା ସାହାଜୀପାଟଣା ଗ୍ରାମର ଶିବୁ ମଲ୍ଲିକ (୨୫)। ବାଲେଶ୍ୱର ଅବକାରୀ ଥାନାରେ ମାମଲା (ନଂ. ୯/୨୦୨୫-୨୬)ରେ ଅଭିଯୁକ୍ତ ଶଶଧର ରାଉତଙ୍କୁ ଏବଂ ମାମଲା (ନଂ. ୫/୨୦୨୫-୨୬)ରେ ଶିବୁ ମଲ୍ଲିକଙ୍କୁ କୋର୍ଟଚାଲାଣ କରାଯାଇଛି।

ଗୁରୁବାର ପୂର୍ବାହ୍ନରେ ଇନ୍‌ସପେକ୍ଟର ହରିହର ସିଂଙ୍କ ନେତୃତ୍ୱରେ ବାଲେଶ୍ୱର ଅବକାରୀ ମୋବାଇଲ ୟୁନିଟ ପୋଲିସ ଖନ୍ତାପଡ଼ା ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ଶେରଗଡ଼ ଟୋଲଗେଟଠାରେ ଅଭିଯୁକ୍ତ ଶଶଧର ରାଉତଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ତାଙ୍କଠାରୁ ୮୦ଗ୍ରାମ ବ୍ରାଉନସୁଗାର ମିଳିଥିଲା। ଅବକାରୀ ପୋଲିସ ବ୍ରାଉନସୁଗାର ଜବତ କରିବା ପରେ ଅଭିଯୁକ୍ତ ରାଉତଙ୍କୁ ଗିରଫ କରିଥିଲା। ସେହିଭଳି ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ୱପ୍ନାରାଣୀ ସାହୁ ଓ ଏସ୍‌ଆଇ ଭବେଶ ଦାସଙ୍କ ନେତୃତ୍ୱରେ ବାଲେଶ୍ୱର ଅବକାରୀ ଥାନା-୨ର ପୋଲିସ ସଦର ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର କୁରୁଡା ଓଭରବ୍ରିଜ୍ ନିକଟରେ ବାଇକରେ ଯାଉଥିବା ଅଭିଯୁକ୍ତ ଶିବୁ ମଲ୍ଲିକଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ତାଙ୍କଠାରୁ ୭୦ଗ୍ରାମ ବ୍ରାଉନସୁଗାର ଓ ବାଇକକୁ ଜବତ କରିବା ସହ ଅଭିଯୁକ୍ତ ମଲ୍ଲିକଙ୍କୁ ଗିରଫ କରିଥିଲେ।


ପୋଲିସ ସହ ଗିରଫ ଅଭିଯୁକ୍ତମାନେ।

# ଉନ୍ନୟନ କାର୍ଯ୍ୟରେ ଅବହେଳା ନେଇ ଅସନ୍ତୋଷ

## ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଲେ ବିଜେଡି କାଉନସିଲର

ଜଳେଶ୍ୱର, ୯।୪(ନବୀନ ସାହୁ):

ଜଳେଶ୍ୱର ପୌରପାଳିକାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମନ୍ଥର ଗତିରେ ଚାଲିବା ଏବଂ କର୍ମଚାରୀଙ୍କ ଅବହେଳା ନେଇ ଗୁରୁବାର ବିଜେଡି କାଉନସିଲରମାନେ ଗର୍ଜିଛନ୍ତି। ଦଳର ସମସ୍ତ କାଉନସିଲର ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସେବା ଯୋଗାଇବାରେ ବିଫଳତା ଓ ପ୍ରକଳ୍ପରେ ବିଳମ୍ବ, ପୌରପାଳିକାର ବିଭିନ୍ନ ବିଭାଗର କର୍ମଚାରୀଙ୍କ ଅବହେଳା ଯୋଗୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅଧାରେ ଅଟକି ରହିଛି। ଫଳରେ ସାଧାରଣଲୋକଙ୍କୁ ଉଚିତ୍ ସେବା ଯୋଗାଇବାରେ ସେମାନେ ବିଫଳ ହେଉଛନ୍ତି। ଗୋଶାଳା ନିର୍ମାଣ କାର୍ଯ୍ୟରେ ବିଳମ୍ବ, ପାଠାଗାର ଓ ସଂସ୍କୃତି


ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭବନ, ପାଠାଗାର ଏବଂ ବିଜୁ ସ୍ମୃତି ସଂସ୍କୃତି ଭବନର କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ, ଏପିଜେ ଅବଦୁଲ କଲାମ ସ୍ମାର୍ଟ ପାର୍କ ଉଦ୍‌ଘାଟନରେ ଟେଣ୍ଡର ପ୍ରକ୍ରିୟା- ୨୦୨୫-୨୬ ଆର୍ଥିକ ବର୍ଷର ଆକ୍ସନ ପ୍ଲାନ ଏବଂ ଏମଏସବିୟୁଆଇର ଅସମ୍ପୂର୍ଣ୍ଣ ଟେଣ୍ଡର ପ୍ରକ୍ରିୟାର କାରଣ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ଆସନ୍ତା ୧୦ ତାରିଖରେ ଏକ ବୈଠକ କରିବାକୁ କାଉନସିଲରମାନେ ନିର୍ବାହୀ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏହି ଦାବିପତ୍ରର ଏକ ନକଲ କପି ବାଲେଶ୍ୱର ଜିଲାପାଳ ଏବଂ ଜଳେଶ୍ୱର ପୌରପାଳିକା ଅଧ୍ୟକ୍ଷଙ୍କ ନିକଟକୁ ପ୍ରେରଣ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଳାଙ୍କ ସମେତ କାଉନସିଲର ସତ୍ୟବତୀ ଗିରି, କବିତା ସାହୁ, ମିର ଆବାସ ଅଲ୍ଲୀ, ସୁରଜ୍ କୁମାର୍ ଚୌରାଶିଆ, ଲକ୍ଷ୍ମଣ ସୋରେନ, ସ୍ୱାଗତିକା ପଲ, ଏସ୍.କେ. ଶୈଫ୍ ଉଦିନ, କବିତା ଧଳ ଏବଂ ସୁଷମା କର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର

ବାଲେଶ୍ୱର, ୯।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ):

ଓଡ଼ିଆପକ୍ଷ ପାଳନ ଅବସରରେ ବୁଧବାର ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଏକ ରକ୍ତଦାନ ଶିବିର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଥିବା ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୁଭାରମ୍ଭ କରିଥିଲେ। ତାଙ୍କ ସହିତ ବାଲେଶ୍ୱର ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲା ଜରୁରୀ କାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ସଦର ବିଧାୟକ ମାନସ କୁମାର ଦତ୍ତ ଶିବିରକୁ ପରିଦର୍ଶନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅମୂଲ୍ୟ କୁମାର ଦାସ ଓ ରକ୍ତ ଭଣ୍ଡାର ଅଧିକାରୀ ଡା. ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏଥିସହ ଜିଲା ରକ୍ତଭଣ୍ଡାର ପକ୍ଷରୁ ବୁଧବାର ଚାନ୍ଦିପୁରରେ ୧୫୭ ୟୁନିଟ, ଜଳେଶ୍ୱରରେ ୨୧ ୟୁନିଟ ଏବଂ ରୂପସାରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ମୋଟ ୨୪୪ ୟୁନିଟ ସଂଗୃହୀତ ହୋଇଛି। ଓଡ଼ିଆପକ୍ଷ ଆରମ୍ଭ ହେବା ପରଠାରୁ ଜିଲାର ବିଭିନ୍ନ ପ୍ରାନ୍ତରୁ ମୋଟ ୮୩୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

# 'ପୁସ୍ତକ କ୍ରୟ ଓ ଉପହାର', ରକ୍ତଦାନ ଶିବିର

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ

ବାଲେଶ୍ୱର, ୯।୪(ବାଞ୍ଛାନିଧି ଦେ):

ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ୍ ସ୍ଥିତ ଡା. ହରେକୃଷ୍ଣ ମହତାବ ଗ୍ରନ୍ଥାଗାରରେ ଗୁରୁବାର 'ପୁସ୍ତକ କ୍ରୟ ଓ ଉପହାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଭୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର ଓ ଗବେଷଣାରତ ଶିକ୍ଷାର୍ଥୀ ଉପସ୍ଥିତ ରହି ନିଜ ପସନ୍ଦର ପୁସ୍ତକ କ୍ରୟ କରିଥିଲେ। ପୁସ୍ତକ ପ୍ରତି ଆଗ୍ରହ ବୃଦ୍ଧି କରିବା ଓ ପଠନ ସଂସ୍କୃତିକୁ ସୁଦୃଢ଼ କରିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଡା. ହରେକୃଷ୍ଣ ମହତାବ ଗ୍ରନ୍ଥାଗାରର ନିର୍ଦ୍ଦେଶକ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରରେ ୫୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।


ଗ୍ରନ୍ଥାଗାରରେ କୁଳପତି ଓ ଅଧିକାରୀଗଣ।

# ଆସ ବହିଟିଏ କିଣିବା ଅଭିଯାନ

ବାଲେଶ୍ୱର, ୯।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ):

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ୨୦୨୬ ପାଳନର ନବମ ଦିନରେ ଗୁରୁବାର 'ଆସ ବହିଟିଏ କିଣିବା ଅଭିଯାନ' ଅନୁଷ୍ଠିତ ହୋଇଛି। ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ ପୁସ୍ତକ ଷ୍ଟଲକୁ ଉନ୍ମୋଚନ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଅତିରିକ୍ତ


ଷ୍ଟଲରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପୁସ୍ତକ ଦେଖୁଛନ୍ତି।

କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ବିଭିନ୍ନ ପ୍ରକାର ପୁସ୍ତକ କ୍ରୟ କରିଥିଲେ। ଜିଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# 'ଗାଁରେ ରହିଛି ଭାରତର ଆତ୍ମା'

ବାଲେଶ୍ୱର, ୯।୪(ବାଞ୍ଛାନିଧି ଦେ):

## ସ୍ୱାସ୍ଥ୍ୟ ଓ ସାହିତ୍ୟଭିତ୍ତିକ କାର୍ଯ୍ୟକ୍ରମ

ବାଲେଶ୍ୱର ସହରସ୍ଥିତ ସ୍ରଷ୍ଟା ନାଟ୍ୟାଳୟ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ସ୍ୱାସ୍ଥ୍ୟ ଓ ସାହିତ୍ୟଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଏଥିରେ ପୌରୋହିତ୍ୟ କରିଥିଲେ। ସ୍ୱାସ୍ଥ୍ୟ ପାଇଁ ସମସ୍ତେ ଏକତ୍ର ଭାବରେ କାର୍ଯ୍ୟ କରିବା ଓ ବିଜ୍ଞାନକୁ ସେଥିସହ ସଂଯୁକ୍ତ କରିବା ସମ୍ପର୍କରେ ଡା. ନନ୍ଦ ବିଭିନ୍ନ କାହାଣୀ ଓ ଉଦାହରଣ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶଲ୍ୟଚିକିତ୍ସା ବିଶେଷଜ୍ଞ ଡା. ରଞ୍ଜନ କୁମାର ପାଢ଼ୀ ଯୋଗଦେଇ ମାନସିକ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୁର୍ବେଦିକ ମେଡିକାଲ ଅଫିସର ତଥା ଅବସରପ୍ରାପ୍ତ ନିରୀକ୍ଷକ ଡା. ଲକ୍ଷ୍ମୀକାନ୍ତ ହୋତା ଭାରତର ଆତ୍ମା ଗାଁରେ ଅଛି। ସମସ୍ତେ ସୁସ୍ଥ ରହିବା ନିମିତ୍ତ ବ୍ୟାୟାମ, ଖାଦ୍ୟ, ପାନୀୟ, ନିଦ୍ରା ଓ ବିଶ୍ରାମ ଉପରେ ଗୁରୁତ୍ୱାରୋପ କରିଥିଲେ। ହୋମିଓପାଥିକ ମେଡିକାଲ ଅଫିସର ଡା. ସସ୍ମିତା ମଣ୍ଡଳ ସାମ୍ପ୍ରତିକ ସମୟରେ କାର୍ଯ୍ୟବ୍ୟସ୍ତତା ଯୋଗୁ ଜୀବନଶୈଳୀରେ ବିପର୍ଯ୍ୟସ୍ତ ଘଟୁଥିବାରୁ ତାହାର ନିରାକରଣ କରିବା ଉଚିତ୍ ବୋଲି କହିଥିଲେ। କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ସାମୂହିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ମହେନ୍ଦ୍ର କୁମାର ପାଣିଗ୍ରାହୀ ସ୍ୱାସ୍ଥ୍ୟ ସମ୍ପର୍କିତ ସ୍ୱରଚିତ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ, ଶାନ୍ତିଲତା ପଣ୍ଡା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ନେଇ ମିଳିତ ବୈଠକ

ବାଲେଶ୍ୱର, ୯।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ):

ବାଲେଶ୍ୱର ସିପିଏମ ଜିଲା କାର୍ଯ୍ୟାଳୟରେ ବରିଷ୍ଠ ବାମପନ୍ଥୀ ନେତା ନିର୍ମଳ ନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ବିଜେଡି, କଂଗ୍ରେସ, ସିପିଆଇ, ସିପିଆଇଏମ୍ ଏବଂ ଫରୱାର୍ଡ ବ୍ଲକର ଜିଲା ନେତୃତ୍ୱମାନଙ୍କର ମିଳିତ ବୈଠକ ହୋଇଯାଇଛି। ପଲାସା-ଇଚ୍ଛାପୁରମ ରେଳ ବିଭାଗ ସେକ୍ସନକୁ ପୂର୍ବତଟ ରେଳପଥ ଜୋନରୁ ଦକ୍ଷିଣ ଉପକୂଳ ରେଳପଥ ଜୋନକୁ ସ୍ଥାନାନ୍ତରଣ କରିବା ପାଇଁ ଭାରତ ସରକାର ନିଷ୍ପତ୍ତିକୁ ତୀବ୍ର ବିରୋଧ କରିବା ସହ ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ମତପ୍ରକାଶ ପାଇ ପ୍ରସ୍ତାବ ଗୃହୀତ ହୋଇଛି। ଏହାସହିତ ଦକ୍ଷିଣ ପୂର୍ବ ରେଳପଥ ଏବଂ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ସହ ସୁନ୍ଦରଗଡ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡା ଜିଲାର ରେଳ ସେକ୍ସନଗୁଡିକୁ ତୁରନ୍ତ ପୂର୍ବତଟ ରେଳ ଜୋନରେ ଅନ୍ତର୍ଭୁକ୍ତ କରିବା ପାଇଁ ବୈଠକରେ ଦାବି କରାଯାଇଛି। ଏହାବାଦ ମୟୂରଭଞ୍ଜ,



ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ।

ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କେନ୍ଦୁଝର ରେଳ ସେକ୍ସନକୁ ନେଇ ଏକ ରେଳ ଡିଭିଜନ ପ୍ରତିଷ୍ଠା କରିବା ପାଇଁ ମଧ୍ୟ ଦାବି ହୋଇଛି। ସେହିଭଳି ନୀଳଗିରି ବାଲେଶ୍ୱର ମେମୁକୁ ପୁରୀ ପର୍ଯ୍ୟନ୍ତ ଚଳାଇବାକୁ ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦମାନେ ଦାବି କରିଛନ୍ତି। ଡବଲ ଇଞ୍ଜିନ ସରକାରଙ୍କ ପକ୍ଷରୁ ରାଜ୍ୟ ଓ ଆମ ଜିଲା ପ୍ରତି କରାଯାଉଥିବା ବୈମାତୃକ ମନୋଭାବର ତୀବ୍ର ନିନ୍ଦା କରାଯାଇଥିଲା। ବୈଠକରେ କଂଗ୍ରେସ ଦଳର ନେତା ତୁଷାରକାନ୍ତି ତପସୀ, ସିପିଆଇ ଜିଲା ସମ୍ପାଦକ ଭାଗବତ ପ୍ରତିହାରୀ, ସିପିଆଇଏମ ଜିଲା ସମ୍ପାଦକ ଶିଶିର ହୁଇ, ସୀତାଂଶୁ ସେନାପତି, ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଫରୱାର୍ଡ ବ୍ଲକ ଜିଲା ନେତା ଲକ୍ଷ୍ମୀଧର ଗିରି ଉପସ୍ଥିତ ଥିଲେ। ବିଜେଡି ନେତା ତଥା ପୂର୍ବତନ ବିଧାୟକ ସ୍ୱରୂପ ଦାସ ଏହି ଦାବି ସହ ସହମତି ଜଣାଇଥିଲେ। ଚଳିତ ମାସ ଶେଷ ଆଡକୁ ବାଲେଶ୍ୱରଠାରେ ଏହି ପ୍ରସଙ୍ଗରେ ଏକ ଗଣ କନଭେସନ ସଙ୍ଗଠିତ କରାଯିବ ବୋଲି ବୈଠକରେ ଘୋଷଣା କରାଯାଇଥିଲା।

### ଜଲସାରେ ୧୦ହଜାର ଶ୍ରଦ୍ଧାଳୁ

ଭୋଗରାଇ, ୯।୪(ପ୍ରଦୀପ ଦାସ):

ଭୋଗରାଇ ବ୍ଲକ ମନ୍ଦାରସାହି ପାଟଣାସ୍ଥିତ ହାଜରତ ଗାଜିୟେ ମିଲ୍ଲତ ରୁହାନିଆ ବାବାଙ୍କ ୪୮ତମ ବାର୍ଷିକ ଉତ୍ସବ ବୁଧବାର ରାତିସାରା ପାଳିତ ହୋଇଛି। ଜଲସାରେ ଓଡ଼ିଶାର ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନ ସହ ପଶ୍ଚିମବଙ୍ଗରୁ ୧୦ହଜାର ଶ୍ରଦ୍ଧାଳୁ ସମବେତ ହୋଇଥିଲେ।ରୁହାନୀ ବାବାଙ୍କ ମାଜର ପ୍ରାଙ୍ଗଣରେ ହଜରତ ଆଲ୍ଲାମା ମୌଲାନା ମୁଫିତ, ଆଜମ ଖଲିଫା, ମୌଲାନା ସୈଏଦ ମୌଲାନା ହାସିମୁଲ କାଦରୀ ଖତୀବ ପ୍ରମୁଖ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ରକ୍ଷା ଲାଗି ଅଭିଭାଷଣ ପ୍ରଦାନ କରିଥିଲେ। ମହମ୍ମଦଙ୍କ ଆଦର୍ଶ, ବାଣୀ, ଶାନ୍ତି, ସଦ୍‌ଭାବନା ପ୍ରତୀକ ଓ ସମସ୍ତଙ୍କ ପାଇଁ ପ୍ରେରଣା ହେଉ ବୋଲି ବିଧାୟକ ଗୌତମ ବୁଦ୍ଧ ଦାସ କହିଥିଲେ। ସରପଞ୍ଚ ମମତା ସାହୁ, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସମିତି ସଦସ୍ୟ ଲକ୍ଷ୍ମୀକାନ୍ତ ସାହୁ, ପୂର୍ବତନ ସରପଞ୍ଚ ଶେଖ ଅବଦୁଲ ମସଜିଦ, ବିଲବଲ ଶାହା, ରସିଦ ମହମ୍ମଦ, ତରଫ ସାହା, ଏସ୍. କେ. ସରଜୁ, ରସିଦ ଖାଁ, ହାସନ ମହମ୍ମଦ ତରଫ ସାହା, ପ୍ରମୁଖ ହିନ୍ଦୁ ମୁସଲିମ ଭାଇ ଭାଇ ବୋଲି ଆହ୍ୱାନ ଦେଇଥିଲେ।

## ସ୍କୁଲ ବସ୍ ଧକ୍କାରେ ବାଇକ୍ ଚୁର୍ମାର

**ରାଇରଙ୍ଗପୁର,୯।୪(ମାନସ ମହାନ୍ତି)**

ରାଇରଙ୍ଗପୁର ସହର ଅଁଳାଡୁବା ନିକଟସ୍ଥ ବିଶୋଇ-ରାଇରଙ୍ଗପୁର ମୁଖ୍ୟ ରାସ୍ତାରେ ଗୁରୁବାର ସ୍କୁଲ୍ ବସ୍ ଧକ୍କାରେ ଏକ ବାଇକ୍ ଚୁର୍ମାର ହୋଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟା୩୦ ସମୟରେ ଏକ ସ୍କୁଲ ବସ ୩୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବାବେଳେ ରାସ୍ତା ପାର୍ଶ୍ୱରେ ରଖାଯାଇଥିବା ଏକ ବାଇକ୍‌କୁ ଧକ୍କା ଦେଇ କିଛି ବାଟ ଘୋଷାରି ନେଇଥିଲା। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ବସ୍ ଚାଳକଙ୍କୁ ରାସ୍ତା ପାର୍ଶ୍ୱ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିବା ସହ ଦୁର୍ଘଟଣା ଘଟାଇଥିବା ବସ୍ ଓ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ସୂଚନା ଦେଇଛନ୍ତି।

# ରବି ଫସଲ ନଷ୍ଟ, ଚାଷୀ ହତାଶ

- ଅଦିନିଆ ବର୍ଷା, କୁଆପଥର ମାଡ଼
- କୃଷି ବିଭାଗର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନବାଚୀ

**ବୈଶିଙ୍ଗା,୯।୪(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳରେ ଅଦିନିଆ ବର୍ଷା ଓ କୁଆପଥର ମାଡ଼ ଯୋଗୁ ଶତାଧିକ ଏକର ରବି ଫସଲ ନଷ୍ଟ ହୋଇଛି।

ସୂଚନା ଅନୁଯାୟୀ, ଚଳିତ ବର୍ଷ ଭଲ ଫସଲ ଅମଳ ଆଶାରେ ଆର ସୁବାସିନୀ କିସମର ହାଇବ୍ରିଡ ଧାନ ଚାଷ କରାଯାଇଥିଲା। ଏହି ଧାନ ଚାଷ ପାଇଁ ୧ ଏକର ଜମିରେ ପ୍ରାୟ ୩୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୩୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ଅମଳ ଆଶା କରାଯାଉଥିଲା। ଏହି ଧାନର ବିହନ ସୁଲଭ ମୂଲ୍ୟରେ କୃଷି ବିଭାଗ ଯୋଗାଇ ପାରି ନ ଥିଲା। ଫଳରେ ଖୋଲା ବଜାରରୁ ଚଢ଼ା ଦାମରେ ଚାଷୀମାନେ କିଣିଥିଲେ। ଏପରିକି କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସାର ଓ କୀଟନାଶକ ଔଷଧ ପ୍ରୟୋଗ ବାବଦରେ କୌଣସି ସୂଚନା ବା ଅନ୍ୟ କୌଣସି ସହଯୋଗ ମିଳି ନ ଥିଲା। ଚଳିତବର୍ଷ ଧାନ ପାଚିବା ସମୟରେ ସପ୍ତାହେ ହେଲା ଝଡ଼ ବର୍ଷା ଲାଗିରହିଛି। ମଙ୍ଗଳବାର ଓ ବୁଧବାର ବର୍ଷା ସହିତ କୁଆପଥର ମାଡ଼ ମଧ୍ୟ ହୋଇଥିଲା। ଫଳରେ ଧାନ ଗଛ ସବୁ ଭାଙ୍ଗି ପଡ଼ିଛି ବୋଲି କହିଛନ୍ତି ସରୋଜ କୁମାର ପୁଥାଲ, ଶିରିଷ ଦାସ, ନରେନ୍ଦ୍ର ଦାସ, ନକୁଳ ଚନ୍ଦ୍ର ଦାସ, କାର୍ତ୍ତିକ ଦାସ, ପ୍ରଦିପ ଦାସ, ବନ ବିହାଣୀ ପ୍ରମୁଖ ଚାଷୀ। ଏହା ବ୍ୟତୀତ ମୁଗ, ବିରି, ବିଲାତି, ଝୁଡ଼ଙ୍ଗ, ବାଇଗଣ ଆଦି ରବି ଫସଲ ମଧ୍ୟ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ ବିଭାଗୀୟ ତଦନ୍ତ କରାଯାଇ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାପାଇଁ ଚାଷୀମାନେ ଦାବି କରିଛନ୍ତି।



ଜଣେ ଚାଷୀ କ୍ଷତିଗ୍ରସ୍ତ ଧାନ ଫସଲ ଦେଖୁଛନ୍ତି।

## କପ୍ତିପଦା ଏନ୍‌ଏସି କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ।

**କପ୍ତିପଦା,୯।୪ (ବିଷ୍ଣୁ ଚରଣ ପୁଥାଳ)**

ନୂତନ ଏନ୍‌ଏସି ମାନ୍ୟତା ପାଇଥିବା କପ୍ତିପଦା ଏନ୍‌ଏସି କାର୍ଯ୍ୟାଳୟ ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହିତ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେଶ୍ମା ଟେଟେ, ତହସିଲଦାର ଆଶିଷ କୁମାର ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସଦାଶିବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ପରେ ମନ୍ତ୍ରୀ ନୂତନ କପ୍ତିପଦା ଏନ୍‌ଏସିର ରୂପରେଖ ବାବଦରେ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, କପ୍ତିପଦା ଏନ୍‌ଏସି ଗଠନ ପାଇଁ ଦୀର୍ଘବର୍ଷ ହେଲା ଦାବି ହୋଇ ଆସୁଥିଲା। ରାଜ୍ୟ ସରକାର କପ୍ତିପଦାକୁ ଏନ୍‌ଏସି ମାନ୍ୟତା ଦେବା ପରେ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

## ଆରପଟା ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ

**ଗୋପବନ୍ଧୁ ନଗର,୯।୪ (ଶାନ୍ତନୁ କୁମାର ମଢୁଆଳ)**

ଗୋପବନ୍ଧୁ ନଗର ବ୍ଲକ ଆରପଟା ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ମୁଖ୍ୟ ବକ୍ତା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା, ସମ୍ମାନିତ ଅତିଥି ଗୋପବନ୍ଧୁ ନଗର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୂର୍ଯ୍ୟଭାନୁ ସର୍ଦ୍ଦାର ସିଂ, ଟିକାୟତପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରା, ଶାଳଖୁଣ୍ଟା ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦାବନ ପୃଷ୍ଟି, ବାଗୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ, ଆରପଟା କ୍ଲଷ୍ଟରର ସିଆର୍‌ସିସି ସୁଶାନ୍ତ କୁମାର ପାତ୍ର, ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ସିଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରମୋହନ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟ କୁମାର ସିଂ ପ୍ରମୁଖ ଯୋଗଦେଇ ଜ୍ଞାନର ଭୋକ ଥିଲେ ଲକ୍ଷ୍ୟ ହାସଲ ସହଜ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ନାରାୟଣ ପ୍ରସାଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଜୟନ୍ତ କୁମାର ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ତୁଷାର କନ୍ୟା ଘୋଷ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର ୩ ଚାମ୍ପିୟନ ସହ ମୋଟ ୭୫ ଜଣ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୟନ୍ତୀ ବେହେରା, ସୁଷମା ମଞ୍ଜରୀ ଦିକ୍ଷୀତ, ଗୀତାଞ୍ଜଳି କବାଟ, ବାସନ୍ତୀ ଦାସ, ସଞ୍ଜୁକ୍ତା ସିଂ, ହରିଶ ଚନ୍ଦ୍ର କବାଟ, ମଞ୍ଜୁଳା ସିଂ, ସଲମାମଣି ସୋରେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାଟକ ଗ୍ରେଟ୍ ନୁଙ୍ଗୁରା, ମିଛୁଆ ରାଧୁଆ ମଞ୍ଚସ୍ଥ

**ମାଦଳ ମହୁରି ଉତ୍ସବର ୨ୟ ସନ୍ଧ୍ୟା**

**ବାରିପଦା,୯।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ଦୁର୍ଯ୍ୟା-ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ମାଦଳ ମହୁରି ଉତ୍ସବ-୨୦୨୬ର ୨ୟ ସନ୍ଧ୍ୟାରେ କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ଦୁଇଟି ନାଟକ ମଞ୍ଚସ୍ଥ ହୋଇଯାଇଛି। ଜ୍ଞାନ ପଣ୍ଡାଙ୍କ ନିର୍ଦ୍ଦେଶିତ ନାଟକ ଗ୍ରେଟ ନୁଙ୍ଗୁରାରେ ଜ୍ଞାନ ପଣ୍ଡା, ଜଗଦୀଶ, ନିକିତା ଅଭିନୟ କରିଥିବା ବେଳେ ମହେଶ ସାହୁ (ତପୁବାବା)ଙ୍କ ନିର୍ଦ୍ଦେଶିତ ନାଟକ ମିଛୁଆ ରାଧୁଆରେ ରବୀନ୍ଦ୍ର ନାଥ ସିଂ, ଅଶୋକ ପଟ୍ଟନାୟକ, ରଣଜିତ ସାହୁ, ରବୀନ୍ଦ୍ର ନାଥ ମହାପାତ୍ର, ନବକିଶୋର ଲେଙ୍କା, ଲଭରଜିତ ସାହୁ, ଅଭିଜିତ ପଣ୍ଡା ଓ ଲିପିକା ରଣା ଅଭିନୟ କରିଥିଲେ। ଉଭୟ ନାଟକ ଦର୍ଶକଙ୍କୁ ବିମୋହିତ କରିଥିଲା। ନାଟକ ପ୍ରାରମ୍ଭରେ ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ସଂଯୁକ୍ତା ନାଟ୍ୟ କେନ୍ଦ୍ର, ଘାଟସିଲାର ମୁଖ୍ୟ ପୃଷ୍ଠପୋଷକ ଅନୁପ ଦତ୍ତ, ସମ୍ପାଦିକା ଜ୍ୟୋତି ମଲ୍ଲିକ, ନାଟ୍ୟକାର ଶେଖର ମଲ୍ଲିକ, ପୂର୍ବତନ ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ଡା କେ.ସି. ମହାନ୍ତି, ବେଙ୍ଗଲୀ ସିରିଏଲ ଓ ଚଳଚ୍ଚିତ୍ର ଅଭିନେତା ଇଂ. ସୁଶାନ୍ତ ସିଟ, ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତି, ବରିଷ୍ଠ ଅଭିନେତା ତଥା ନିର୍ଦ୍ଦେଶକ ଡ. କୁମରମଣୀ ନାୟକ, ପ୍ରତିଷ୍ଠିତ ମଞ୍ଚ ଓ ଚଳଚ୍ଚିତ୍ର ଅଭିନେତା ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା ପ୍ରମୁଖ ଯୋ ଦେଇଥିଲେ। ଏହି ଅବସରରେ ଡା. କେ.ସି ମହାନ୍ତି ଓ ଇଂ. ସୁଶାନ୍ତ ସିଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମନାଥ ସିଂହ ଓ ଗୌରବ ସିଟ ମଞ୍ଚ ପରିଚାଳନା କରିଥିଲେ। ଚିନ୍ମୟ ଶେଜପଡା ଓ ନୟନିକା ମହାନ୍ତି ଓଡ଼ିଶୀ ନୃତ୍ୟ, ସରନ୍ୟା ସାହୁଙ୍କ ସଂଗୀତ ତଥା ନଂ.୧ ଡ୍ୟାନ୍ସ ଏକାଡେମୀର ମିହିକା ନନ୍ଦ ଗୋସ୍ୱାମୀଙ୍କ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

# ଦୋଷୀଙ୍କୁ ଆଜୀବନ ଜେଲ

**ଘରୋଇ କଳହରୁ ବାପାଙ୍କୁ ହତ୍ୟା ମାମଲା**

**ଉଦଳା,୯।୪ (ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା ଉଦଳା ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ଗୁରୁବାର ଘରୋଇ କଳହରୁ ବାପାଙ୍କୁ କୁରାଢ଼ିରେ ହାଣି ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ ପ୍ରଦୀପ କୁମାର ବେହେରା ଏହାର ବିଚାରକରି ଦୋଷୀ ପୁଅଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କପ୍ତିପଦା ଥାନା ଚକ୍ରଧରପୁର ମାହାଲିସାହିର ଭୁଣ୍ଡା ମାହାଲି (୩୫)। ପ୍ରମାଣ ଅଭାବରୁ ତାଙ୍କ ସ୍ତ୍ରୀ ପାର୍ବତୀଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଅଗଷ୍ଟ ୧୮ ତାରିଖରେ ଘରୋଇ କଳହକୁ ନେଇ ସ୍ତ୍ରୀ ପାର୍ବତୀ ମାହାଲିଙ୍କ ସହ ଭୁଣ୍ଡା ମାହାଲି ତାଙ୍କ ବାପା ନରେନ୍ଦ୍ର ମାହାଲି(୫୬) ଓ ଭାଇ ଭରତ ମାହାଲିଙ୍କୁ କୁରାଢ଼ିରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ୪ ଦିନ ପରେ ବାପା ନରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଭାଇ ଭରତଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଭୁଣ୍ଡା ଓ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଲିଲେଶ କୁମାର ଜେନା ମାମଲା ପରିଚାଳନା କରୁଥିଲେ।

# ବାବା ବଡ଼ାମଙ୍କ ବାର୍ଷିକ ପୂଜା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କମିଟିର ସଦସ୍ୟମାନେ।

**ବାରିପଦା,୯।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ତୁଳସୀଚଉରାସ୍ଥିତ ବାବା ବଡ଼ାମଙ୍କ ପୀଠରେ ୯୫ତମ ବାର୍ଷିକ ପୂଜା ମହୋତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ଓ ସମ୍ବର୍ଦ୍ଧନା ସଭା ପ୍ରଥମ ଦିବସରେ ଆୟୋଜିତ ହୋଇଥିଲା। ଯେଉଁଠାରେ ଅନୁଷ୍ଠାନର ପୁରାତନ ତଥା ବରିଷ୍ଠ ସଦସ୍ୟମାନଙ୍କ ଅବଦାନକୁ ସମ୍ମାନ ଜଣାଯାଇଥିଲା। ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଅଧିକାରୀ ତଥା ସାମାଜିକ କର୍ମୀ ବିଶ୍ୱଜିତ ନାୟକ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସରୋଜ ଖୁଣ୍ଟିଆ, ୧୪ନଂ. ୱାର୍ଡ କାଉନସିଲର ବିବେକାନନ୍ଦ ନାୟକ ଏବଂ ୨୩ନଂ.ୱାର୍ଡ କାଉନସିଲର ଅନନ୍ତ ଦାସ ଯୋଗଦେଇ ବାବାଙ୍କ ପୀଠର ମହିମା ଓ ସେବାୟତଙ୍କ ନିଷ୍ଠା ଉପରେ ଆଲୋକପାତ କରିଥିଲେ। କମିଟିର ସଦସ୍ୟ ଅମିତ୍ ମହାପାତ୍ର ସେବା ଓ ବାବା ବଡ଼ାମଙ୍କ ପ୍ରତି ଥିବା ତାଙ୍କର ନିଷ୍ଠା ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ କର୍ମକର୍ତ୍ତା ଦିଲ୍ଲୀପ ନାୟକ, ପ୍ରଦୀପ ଖିଲାର ଏବଂ ଚନ୍ଦ୍ରଶେଖର ଜେନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥିମାନେ ସମ୍ମାନିତ କରିଥିଲେ। ସ୍ୱର୍ଗତ ପ୍ରଫୁଲ୍ଲ ଦେହୁରୀ, ରାଧାଶ୍ୟାମ ମହାପାତ୍ର, ସର୍ବେଶ୍ୱର ଦେହୁରୀ, ନରହରି ନାଏକ, ନିତ୍ରାନନ୍ଦ ନାଏକ ଏବଂ ନଦିଆ ବିହାରୀ ନାଏକଙ୍କ ପରିବାର ସଦସ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବୟୋଜ୍ୟେଷ୍ଠ ସଦସ୍ୟ ଦେବେନ୍ଦ୍ର ନାଏକ, ତାରାକାନ୍ତ ମହାପାତ୍ର, ଦିଲ୍ଲୀପ ବେହେରା ଓ ଭାସ୍କର ଖିଲାରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସଦସ୍ୟ ସୁବ୍ରତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ସଞ୍ଜୟ ବେହେରା, ଦେବାନନ୍ଦ ଜେନା, ଶାଶ୍ୱତ ପଣ୍ଡା, ସରୋଜ ଶତପଥୀ, ଅମିତ ମହାପାତ୍ର, ଅବନୀ ଗିରି, ସୁମନ୍ତ ଦାସ, ତାପସ ମନ୍ତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

# ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ

**ବାରିପଦା,୯।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

**ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ**

ବାରିପଦାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଠନ ଅଭ୍ୟାସର ଜାଗ୍ରତ, ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର, ଲେଖକ ଓ ପ୍ରକାଶକଙ୍କୁ ପ୍ରୋତ୍ସାହନ, ଓଡ଼ିଆ ଅସ୍ମିତାର ସଂରକ୍ଷଣ ଲକ୍ଷ୍ୟନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.କ୍ଷିରୋଦ କୁମାର ଚୌଧୁରୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ପୁସ୍ତକ ମେଳାର ସମ୍ପାଦକ ଇଂ. ମନୋଜ ଦଳ ବେହେରା, ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ସଭାପତି ଡ.ସରୋଜ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁସ୍ତକର ଉପାଦେୟତା ଓ ପୁସ୍ତକ କ୍ରୟର ଆବଶ୍ୟକତା ଉପରେ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ପ୍ରଫେସର ଡ. ଚିତ୍ରସେନ ସେଠୀ, ଡ. କେ ଲକ୍ଷ୍ମୀ ସେନାପତି, ରାଜକିଶୋର ରାଉଳ ଓ ନବୀନ ନାୟକ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।



ଝାରପୋଖରିଆ ମୁଖ୍ୟ ବଜାର ହାଟଚାଳିଠାରେ ଥିବା ଏକ ଶିମିଳି ଗଛରେ ହୋଇଥିବା ମହୁଫେଣା। (ଫଟୋ: ସୁଧୀର କୁମାର ମହାନ୍ତ)

# ଲେଖକ, ବିତରକଙ୍କୁ ପ୍ରଶଂସାପତ୍ର

**ବାରିପଦା,୯।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବହିହାଟ**

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ବହିହାଟ ଶେଷ ହୋଇଯାଇଛି। ସରକାରଙ୍କ ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଯାୟୀ ମୟୂରଭଞ୍ଜ ତଥା ବହିରାଗତ ଲେଖକ ଓ ବିତରକମାନଙ୍କ ପ୍ରଦର୍ଶିତ ବହିହାଟରେ ୨୯ଟି ଷ୍ଟଲରେ ବହି ବିକ୍ରି ହୋଇଥିଲା। ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ ସମ୍ମୁଖରେ ଅନୁଷ୍ଠିତ ହୋଇଥିବା ଏହି ବହିହାଟକୁ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ସାହିତ୍ୟ ଜୀବନ ସହିତ କିପରି ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ସେ ବିଷୟରେ ଆଲୋକପାତ କରିବା ସହ ପୁସ୍ତକ ଗୁଡ଼ିକୁ ଡିଜିଟାଇଜେସନ କରାଗଲେ ତାହା ଅଧିକରୁ ଅଧିକ ଲୋକଙ୍କୁ ପଢ଼ିବାର ସୁଯୋଗ ଦେଇପାରିବ ବୋଲି ସେ କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବହିହାଟରେ କୁଳସଚିବ ସୁମିତା ସିଂ, ବିତ୍ତ ନିୟନ୍ତ୍ରକ ଭରତଚନ୍ଦ୍ର ଦେହୁରୀ, ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟ ଓ ସାଂସ୍କୃତିକ ପରିଷଦ ତରଫରୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ବାରିକ କୁଳପତି ପ୍ରଫେସର ମହାନ୍ତିଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପରିଷଦ ତରଫରୁ କବି ଡ.ଜଗତବନ୍ଧୁ ଆଚାର୍ଯ୍ୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ କୁଳପତି ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ଉପସଭାପତି ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ଡ. ବିଚିତ୍ରନାଥ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସହ ସମ୍ପାଦକ ଡ.ସ୍ୱରୂପାନନ୍ଦ ବିଷୟୀ ଧନ୍ୟବାଦ ଦେଇଥିଲେ। ବହିହାଟରେ ଭାଗନେଇଥିବା ସମସ୍ତ ଲେଖକ ଓ ବିତରକମାନଙ୍କୁ ପ୍ରଶଂସାପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଏକ କବିତା ପାଠୋତ୍ସବରେ ୪୭ ଜଣ କବି ଓ କବୟିତ୍ରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜର ଅନେକ ସାହିତ୍ୟିକ, ବୁଦ୍ଧିଜୀବି, ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଆର୍‌ଏମ୍‌ସି ଆମିଷ ବଜାରରେ ଆଣ୍ଠୁଏ ପାଣି

**ଉଦଳା,୯।୪ (ସନ୍ତୋଷ କୁମାର ବାଛିନୀ)**

ଉଦଳାସ୍ଥିତ ଆର୍‌ଏମ୍‌ସି ଆମିଷ ବଜାରରେ ବର୍ଷାପାଣି ଜମି ରହିବାରୁ ଅସନ୍ତୋଷ ଦେଖାଦେଇଛି। ସାମାନ୍ୟ ବର୍ଷାରେ ଆଣ୍ଠୁଏ ଲେଖାଏ ପାଣି ଜମି ରହିବା ଫଳରେ ମାଂସ ଦୋକାନୀଙ୍କ ସମେତ ଗ୍ରାହକମାନେ ହଇରାଣ ହେଉଛନ୍ତି।

ଉଦଳା ଏନ୍‌ଏସି ପକ୍ଷରୁ ଚିକେନ ଏବଂ ମଟନ ଦୋକାନୀମାନଙ୍କୁ ବଜାର ମଧ୍ୟରୁ ଉଚ୍ଛେଦ ପରେ ୧୨ନଂ. ୱାର୍ଡରେ ଥଇଥାନ କରାଯାଇଥିଲା। ଦୋକାନୀମାନେ ସେଠାରେ ବ୍ୟବସାୟ ଚଳାଇଥିବା ବେଳେ ସାମାନ୍ୟ ବର୍ଷାରେ ଆମିଷ ବଜାର ଉବୁଟୁବୁ ହୋଇଛି। ଆମିଷ ବଜାର ଭିତରକୁ ଯିବାକୁ ହେଲେ ପାଣି ଭିତରେ ପଶି ଯିବାକୁ ପଡୁଛି। ପାଣି ସାଙ୍ଗକୁ କାଦୁଅ ଭର୍ତ୍ତି ହୋଇଥିବାରୁ ଦୋକାନୀ ଓ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଆମିଷ ବଜାରରେ ୨୦ରୁ ଅଧିକ ଚିକେନ ଏବଂ ମଟନ ଦୋକାନ ଥିବା ବେଳେ ସମସ୍ତ ଦୋକାନୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆମିଷ କିଣିବାକୁ ଯାଇଥିବା ଗ୍ରାହକ ଜୟନ୍ତ ବେହେରା, ଶାନ୍ତନୁ ପଣ୍ଡାଙ୍କ କହିବାନୁସାରେ ଏଠାକୁ ଦୋକାନ ଉଠାଇବା ପୂର୍ବରୁ ଆର୍‌ଏମ୍‌ସି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଇବାର ଆବଶ୍ୟକତା ରହିଥିଲା। ମାତ୍ର ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଏଥିପ୍ରତି ଅବହେଳା କରିଛନ୍ତି। ଏହି ସମସ୍ୟା ବାବଦରେ ଆର୍‌ଏମ୍‌ସିର ସମ୍ପାଦକ ଶୁକୁରାମ ସିଂଙ୍କୁ ପଚାରିବାରୁ ସୋମବାର ଆର୍‌ଏମ୍‌ସି ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇ ଖୁବ୍‌ଶୀଘ୍ର ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ସେ କହିଛନ୍ତି।



ଆମିଷ ବଜାରରେ ଜମି ରହିଥିବା ବର୍ଷା ପାଣି।

# ଅନୁପସ୍ଥିତ କର୍ମଚାରୀଙ୍କର ବନ୍ଦ ହେବ ଗୋଟିଏ ଦିନର ଦରମା

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନଶୁଣାଣିରେ ବିଡିଓଙ୍କ ନିର୍ଦ୍ଦେଶ**

**ଅଭିଯୋଗ ଥିବା ୩୦ ପ୍ରକଳ୍ପର ଶୁଣାଣି**

ତିହିଡ଼ି,୯।୪(ସଞ୍ଜିତ ବଳ)



ଶିବିରରେ ଉପସ୍ଥିତ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବିଡିଓ ନିରଞ୍ଜନ ବାରିକ ଓ ଅନ୍ୟ ଅଧିକାରୀ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)କୁ ନେଇ ଅନୁଷ୍ଠିତ ଜନଶୁଣାଣି ଶିବିରରେ କେତେଜଣ ପିଇଓ, ଜିଆର୍‌ଏସ୍ ଏବଂ ଏଡିଇଓ ଅନୁପସ୍ଥିତ ରହିଛନ୍ତି। ଅନୁପସ୍ଥିତ ଥିବା ସେହି କର୍ମଚାରୀମାନଙ୍କର ଗୋଟିଏ ଦିନର ଦରମା ବନ୍ଦ କରିବାକୁ ବିଡିଓ ନିରଞ୍ଜନ ବାରିକ କ୍ୟାସିୟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ନୀଳମଣି ସଭାଗୃହରେ ଗୁରୁବାର ଅନୁଷ୍ଠିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ କର୍ମଚାରୀଙ୍କ ଅନୁପସ୍ଥିତିକୁ ନେଇ ବିଡିଓ ବାରିକ କ୍ଷୋଭ ପ୍ରକାଶ କରିଛନ୍ତି।

ଏହି ଯୋଜନାରେ ମିଳିଥିବା ଅନୁଦାନ ଗତ ୧।୪।୨୫ରୁ ୩୦।୯।୨୫ ତାରିଖ ମଧ୍ୟରେ ବିନିଯୋଗ ହୋଇଥିବା ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ଅଭିଯୋଗ ହୋଇଥିବା ୩୦ ପ୍ରକଳ୍ପ ଉପରେ ଶିବିରରେ ସମୀକ୍ଷା କରାଯାଇଥିଲା। ବିଲଣା ପଞ୍ଚାୟତରେ ଏକ ନାଳ ଖନନ ହୋଇ ନ ଥିବାବେଳେ ୧ ଲକ୍ଷ ୧୦ହଜାର ଟଙ୍କା ଶ୍ରମିକ ମଜୁରି ଆକାରରେ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ୩ ଦିନ ମଧ୍ୟରେ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ରଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବୋଡ଼କ ପଞ୍ଚାୟତରେ ୩ଟି ପ୍ରକଳ୍ପର କ୍ୟାସ୍ ରେକର୍ଡ ଦାଖଲ ହୋଇ ନ ଥିବାରୁ ୩ଦିନ ମଧ୍ୟରେ ଦାଖଲ କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ତେବେ ଗ୍ରାମସଭାରେ କ୍ୟାସ୍ ରେକର୍ଡ ଦିଆ ନ ଯାଇ ପରେ ଦାଖଲ କରାଗଲେ ଜରିମାନା କରାଯିବ ବୋଲି ଜିଲା ସାମାଜିକ ସମୀକ୍ଷକ ସତ୍ୟଜିତ ପୃଷ୍ଟି ସୂଚନା ଦେଇଥିଲେ। ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦନେଇ ଚରଣ ଟୁଡୁ ଯୋଗଦେଇ ଯୋଜନାର ସଫଳତା ପାଇଁ କୌଣସି ତଥ୍ୟ ଗୋପନୀୟ ନ ରଖି ତ୍ରୁଟି ସଂଶୋଧନ କରାଯିବା ଆବଶ୍ୟକ ବୋଲି କହିଥିଲେ। ଯୋଜନାରେ ସାମିଲ ଥିବା କର୍ମଚାରୀମାନେ ଠିକ୍ ତଥ୍ୟ ଦେଇପାରୁ ନ ଥିବା କହିବା ସହ ଏହାକୁ ସୁଧାରିବା ପାଇଁ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ପରାମର୍ଶ ଦେଇଥିଲେ। ବ୍ଲକ ସାମାଜିକ ସମୀକ୍ଷକ ଇତିଶ୍ରୀ ଦାଶ ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ପ୍ରଦାନ କରିଥିଲେ। ଏପିଇଓ କାମିନୀରାଣୀ ଓଝା ଧନ୍ୟବାଦ ଦେଇଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର ମଞ୍ଚାସୀନ ଥିଲେ। କନିଷ୍ଠ ଯନ୍ତ୍ରୀ ଅଲେଖ ତିର୍କୀ, ଭରତ ବିଶ୍ୱାଳ, ଭୀଷ୍ମଦେବ ଶତପଥୀ, ତନୁଜା ମିଶ୍ର, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହକାରୀ ସୁଧାଂଶୁ ଶେଖର ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅରୁଣ କୁମାର ପଣ୍ଡା, ଦୀନବନ୍ଧୁ ମହାନ୍ତି, ଶାରଦା ବଳ, ମନୋରଞ୍ଜନ ଦଳେଇ, ଗୋପାଳ ପଣ୍ଡା, ଭିଆର୍‌ପି କାମିନୀଲତା ପ୍ରିୟଦର୍ଶିନୀ, ସବିତା ବାରିକ, ଇତିଶ୍ରୀ ବେହେରା, ସତ୍ୟଭାମା ମହାଳିକ, ମନୋରମା ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# 'ନୂତନତ୍ୱ ଓ ଉଦ୍ୟୋଗର ଗୁରୁତ୍ୱ' ସମ୍ପର୍କିତ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ,୯।୪(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ନାଆଁମୀ ମହାବିଦ୍ୟାଳୟରେ ଗୁରୁବାର 'ନୂତନତ୍ୱ ଓ ଉଦ୍ୟୋଗର ଗୁରୁତ୍ୱ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ଶିଳ୍ପ କେନ୍ଦ୍ର ସହଯୋଗରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ସୁକାନ୍ତ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ବକ୍ତା ଭାବେ ଜିଲା ଶିଳ୍ପ ପ୍ରଶିକ୍ଷକ ଶଶିଶେଖର ବେହେରା, ବିଶ୍ୱଜିତ ସାମଲ ଓ ପାର୍ଥ ରାଉତରାୟ ଯୋଗଦେଇ ଷ୍ଟାର୍ଟଅପ୍ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ପିଲାମାନେ ନିଜେ କିପରି ଆତ୍ମନିର୍ଭରଶୀଳ ଓ ଉଦ୍ୟୋଗପତି ହୋଇପାରିବା ସହ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ, ସେ ସମ୍ପର୍କରେ ପ୍ରଶିକ୍ଷକମାନେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ଅଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଡ. ରଘୁନାଥ ସାହୁ, ଅଶୋକ କୁମାର ଦାଶ, ଅଧ୍ୟାପିକା ଭାରତୀଲତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଏହାସହ ଓଡ଼ିଆ ପକ୍ଷ ପାଳନ ଅବସରରେ 'ବହିଟିଏ ପଢ଼ିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶିକ୍ଷକଙ୍କ ବିରୋଧରେ ଅଭିଯୋଗର ତଦନ୍ତ

ବନ୍ତ,୯।୪(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ କାଦବରାଙ୍ଗ କ୍ଲଷ୍ଟର ଅଧୀନ ଆପ୍ତୀରା ୟୁଜିଏମ୍‌ଇ ସ୍କୁଲର ଜନୈକ ଶିକ୍ଷକଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଗୁରୁବାର ତଦନ୍ତ କରାଯାଇଛି। ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଟିଲୋ ସିଆର୍‌ସିସି ଅଶୋକ କୁମାର ଦାସ ଏବଂ ତୋଫାବିବି କ୍ଲଷ୍ଟରର ସିଆର୍‌ସିସି ନିରଞ୍ଜନ ଖିଲାର ମିଳିତ ଭାବେ ଉକ୍ତ ବିଦ୍ୟାଳୟକୁ ଯାଇ ଏସ୍‌ଏମ୍‌ସି ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ତଦନ୍ତ କରିଛନ୍ତି। ସେମାନେ ଜନୈକ ଶିକ୍ଷକଙ୍କ ବିଷୟରେ ପୃଥକ ଭାବେ ଏସ୍‌ଏମ୍‌ସି ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କଠାରୁ ଲିଖିତ, ମୌଖିକ ବୟାନ ରେକର୍ଡ କରିଥିଲେ। ପ୍ରକାଶଥାଉ କି, ସମ୍ପୃକ୍ତ ଶିକ୍ଷକ ଜଣକ ନିୟମିତ ବିଦ୍ୟାଳୟ ନ ଆସିବା, ବିଭିନ୍ନ ଜାତୀୟ ଦିବସରେ ନ ଆସିବା, ମୋବାଇଲରେ ଗପିବା, ପ୍ରଧାନଶିକ୍ଷକଙ୍କ କଥା ନ ମାନିବା ଆଦି ନେଇ ଗ୍ରାମର କେତେଜଣ ବ୍ୟକ୍ତି ଗତ ଫେବୃଆରୀ ୧୭ରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସିଆର୍‌ସିସି ଖିଲାର ଓ ଦାସଙ୍କୁ ପଚାରିବାରୁ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ କରାଯାଇଥିବା ବେଳେ ରିପୋର୍ଟ ପ୍ରସ୍ତୁତ କରି ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି।

# ସ୍କୁଲ ପରିଦର୍ଶନ କଲେ ଯୁଗ୍ମ ନିର୍ଦ୍ଦେଶିକା

ଧୁଷୁରୀ, ୯।୪ (ଦୀପ୍ତିରଞ୍ଜନ ନାୟକ)

ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁଙ୍କ ସମେତ ଅନ୍ୟ ୪ କର୍ତ୍ତୃପକ୍ଷଙ୍କୁ ନେଇ ଗଠିତ ଟିମ୍ ଗୁରୁବାର ପୂର୍ବାହ୍ନ ୧୧ଟାରେ ଚାନ୍ଦବାଲି ବ୍ଲକ ଅଧୀନ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା ସ୍ମାର୍ଟବୋର୍ଡ, କମ୍ପ୍ୟୁଟର, ଟାବ୍‌ଲେଟ ଓ ଅନ୍ୟାନ୍ୟ ଶିକ୍ଷଣୀୟ ସାମଗ୍ରୀ ଯାଞ୍ଚ କରିଥିଲେ। ସବୁ ସାମଗ୍ରୀ କାର୍ଯ୍ୟକ୍ଷମ ସହ ବିଦ୍ୟାଳୟର ଶ୍ରେଣୀଗୃହ, ଲାଇବ୍ରେରୀ, ଲାବରେଟୋରୀ ଇତ୍ୟାଦି ଉଚ୍ଚ ମାନର ବୋଲି ଉପଲବ୍ଧି କରି ସେମାନେ ଖୁସିବ୍ୟକ୍ତ କରିଥିଲେ। ବିଦ୍ୟାଳୟ କାନ୍ଥରେ ଅଙ୍କା କରାଯାଇଥିବା ଚିତ୍ରଗୁଡ଼ିକ ଅତ୍ୟନ୍ତ ଉଚ୍ଚକୋଟୀର ଓ ଆକର୍ଷଣୀୟ ବୋଲି ଯୁଗ୍ମ ନିର୍ଦ୍ଦେଶିକା କହିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବନିତା ପୃଷ୍ଟିଙ୍କ କାର୍ଯ୍ୟର ସେ ପ୍ରଶଂସା କରିଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରୀଙ୍କ ତୁଳନାରେ ପ୍ରାଥମିକ ଶିକ୍ଷକ ମାତ୍ର ୫ ଜଣ ଥିବାବେଳେ ଆଉ ୫ ଶିକ୍ଷକ, ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଏବଂ ଆଉ ୨ଜଣ କଳା ଶିକ୍ଷକଙ୍କ ଆବଶ୍ୟକତା ରହିଥିବା ପ୍ରଧାନଶିକ୍ଷୟିତ୍ରୀ ଦର୍ଶାଇଥିଲେ। ଏ ବିଷୟରେ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ ସାହୁଙ୍କୁ ଯୁଗ୍ମ ନିର୍ଦ୍ଦେଶିକା ନିର୍ଦ୍ଦେଶ ଦେଇଥିଲେ।

ସ୍କୁଲ ପରିଦର୍ଶନ ପୂର୍ବରୁ ଏହି ଟିମ୍ ଆରଡ଼ିର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଆଖଣ୍ଡଳମଣି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରଧାନଶିକ୍ଷକ ସେମିନାର ବୁଲି ଦେଖିଥିଲେ। ଯୁଗ୍ମ ନିର୍ଦ୍ଦେଶିକାଙ୍କ ସହ ଓଏସ୍‌ପିଏର ପ୍ରୋଗ୍ରାମର ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ରଘୁରାଜ ରାଜଗୁରୁ, ଟେକ୍ନିକାଲ ସପୋର୍ଟ ରୂପେଶ ନାୟକ ଓ ଜ୍ୟୋତିରଞ୍ଜନ ଦାସ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଚାନ୍ଦବାଲି ବିଇଓ ଶୁଭେନ୍ଦୁ କୁମାର ମହାରାଜ, ସିଆର୍‌ସିସି ଦିଲୀପ ଶେଖର ନାୟକ, ଜିଲା ପ୍ରୋଗ୍ରାମର ମନୋଜ କୁମାର ନାୟକ, ଏବିଇଓ ଅନିତା ମିଶ୍ର ଉପସ୍ଥିତ ଥିଲେ।


ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁଙ୍କ ସମେତ ଟିମ୍ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

# ଆଜିଠୁ ଟିଲୋ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ବନ୍ତ,୯।୪(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହେବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉଦ୍‌ଘାଟକ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବ ୩ ଦିନ ଧରି ଚାଲିବାକୁ ଥିବାବେଳେ ପ୍ରତ୍ୟେହ ୨ଟି ଅଧିବେଶନ ଅନୁଷ୍ଠିତ ହେବ। ପ୍ରଥମ ଅଧିବେଶନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ଏବଂ ୨ୟ ଅଧିବେଶନ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ପ୍ରତି ଅଧିବେଶନରେ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଆ ପକ୍ଷରେ 'ଆସ ବହିଟିଏ କିଣିବା' ଅଭିଯାନ


ଭାଗବତ ଟୁଙ୍ଗିରୁ ଆସିଥିବା ସଦସ୍ୟଙ୍କୁ ଭଗବଦ୍ ଗୀତା ପ୍ରଦାନ କରୁଛନ୍ତି ଜିଲାପାଳ ଦିଲୀପ ରାଉତରାଏ।

ଭଦ୍ରକ,୯।୪(ସନାତନ ରାଉତ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଭଦ୍ରକ ଜିଲା ସଂସ୍କୃତି ଭବନଠାରେ 'ଆସ ବହିଟିଏ କିଣିବା' ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ଓ ପାଠକମାନଙ୍କ ମଧ୍ୟରେ ବହି ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଛନ୍ତି। ଏହି ଅବସରରେ ପିଲାମାନଙ୍କୁ ବହି ବଣ୍ଟନ ସହ ଜଣା ଅଜଣା କାର୍ଯ୍ୟକ୍ରମ ଆଧାରରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଉପରେ ପ୍ରଶ୍ନୋତ୍ତର କରାଯାଇଥିଲା। ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ ବହିର ଉପକାରିତା ବିଷୟରେ କହିବା ସହ ଅନାବଶ୍ୟକ ଜିନିଷ ନ କିଣି ବହି କିଣିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ପଣ୍ଡିତ ଦୈତାରୀ ମହାପାତ୍ର, ଅଧ୍ୟାପକ ଦତ୍ତାତ୍ରେୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ୭ ବ୍ଲକର ଭାଗବତ ଟୁଙ୍ଗିରୁ ଆସିଥିବା ସଦସ୍ୟଙ୍କୁ ଜିଲାପାଳ ଶ୍ରୀମଦ ଭଗବଦ୍ ଗୀତା ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ହନୁମାନଜୀଉଙ୍କ ବାର୍ଷିକ ମହୋତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ



ଧାମନଗର, ୯।୪ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଅଧୀନ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ସଠଗାଁସ୍ଥିତ ଗେଙ୍ଗୁଟି ନଦୀ କୂଳରେ ଥିବା ଶ୍ରୀ ସିଦ୍ଧ ମହାବୀର ହନୁମାନଙ୍କ ୪ର୍ଥ ବାର୍ଷିକ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ଅନୁଷ୍ଠିତ ହୋଇ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ସକାଳୁ ଶ୍ରଦ୍ଧାଳୁ ମହିଳା ଓ ପୁରୁଷଙ୍କ ଦ୍ୱାରା ସ୍ଥାନୀୟ ବୈତରଣୀ ନଦୀରୁ ୧୫୧ କଳସ ଘଟ ଉତ୍ତୋଳନ କରାଯାଇ ଶୋଭାଯାତ୍ରାଦ୍ୱାରେ ଆସି ଯଜ୍ଞ ମଣ୍ଡପରେ ସ୍ଥାପନା କରାଯାଇଥିଲା। ବୁଧବାର ୧୦୮ ଆହୁତି ଦିଆଯିବା ସହ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ କର୍ତ୍ତୀ କର୍ତ୍ତା ଭାବେ ଜ୍ଞୁଲି ବେହେରା ଓ ଶଶିକାନ୍ତ ବେହେରା ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଶୈଳଭାମା ମହାପାତ୍ର ଓ ପ୍ରଶାନ୍ତ ପାଢ଼ୀଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରମାନନ୍ଦ ବେହେରା, ତ୍ରିଲୋଚନ ବେହେରା, ବାମଦେବ ଜେନା, ରମେଶ ବେହେରା, ଶିବପ୍ରସାଦ ପଲେଇ, ନାରାୟଣ ଦାସ, ଦାମୋଦର ପଣ୍ଡା, ଗୌରାଙ୍ଗ ଗୋଛାୟତ ପ୍ରମୁଖ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କରତକଳରେ ଚଢ଼ାଉ: ଲକ୍ଷାଧିକ ଟଙ୍କାର କାଠ, ଯନ୍ତ୍ରାଂଶ ଜବତ

ଧାମନଗର,୯।୪
(ଦେବେନ୍ଦ୍ର ଆନ୍ଦିଆ/ଦୀନକୃଷ୍ଣ ମହାପାତ୍ର)

ଧାମନଗର ରେଞ୍ଜ୍ ଅଧୀନ ଉତ୍ତେଇପୁରଠାରେ କିଛିଦିନ ଧରି ବେଆଇନ ଭାବେ ଚାଲିଥିବା କରତକଳରେ ବନ ବିଭାଗ ଗୁରୁବାର ସକାଳେ ଚଢ଼ାଉ କରିଛି। କରତ କଳରୁ ପୁଣ୍ଡିଆ, ଜାମୁ, ଶିରିଶ କାଠ ଓ ଯନ୍ତ୍ରାଂଶ ଜବତ କରାଯାଇଛି। ଭଦ୍ରକ ଡିଏଫ୍‌ଓ ସୌଭାଗ୍ୟ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଏସିଏଫ୍ ସୁମିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଧାମନଗର ବନ ବିଭାଗ ରେଞ୍ଜର ବବୁଲ ମଲିକ, ଧାମନଗର ଫରେଷ୍ଟର ବସନ୍ତ ମାଝୀ, ଭଣ୍ଡାରିପୋଖରୀ ଫରେଷ୍ଟର କୃଷ୍ଣଚନ୍ଦ୍ର ବାସ୍କେ, ଫରେଷ୍ଟ ଗାର୍ଡ ପୀତବାସ ଶଙ୍ଖୁଆ, ଜ୍ୟୋତ୍ସ୍ନାମୟୀ ପଣ୍ଡା, ଲକ୍ଷ୍ମୀ ହେମ୍ବ୍ରମ, ସୁବାସିନୀ ସାହୁଙ୍କ ସମେତ ଧାମନଗର ପୋଲିସ ସହାୟତାରେ ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁର ଗ୍ରାମରେ ଚାଲୁଥିବା ଏହି କରତକଳରେ ଚଢ଼ାଉ କରାଯାଇଥିଲା। ଜବତ କାଠ ଓ ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ରେଞ୍ଜର ମଲିକ କହିଛନ୍ତି। ଚଢ଼ାଉ ସମୟରେ କରତକଳ ମାଲିକ ଫେରାର ହୋଇଯାଇଛନ୍ତି। ବିଭିନ୍ନ ସ୍ଥାନରେ ଚାଲୁଥିବା ବେଆଇନ କରତକଳ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ପର୍ଯ୍ୟାୟକ୍ରମେ ଚଢ଼ାଉ ଜାରି ରହିବ ବୋଲି ରେଞ୍ଜର ମଲିକ କହିଛନ୍ତି। ସେହିପରି ଧାମନଗର ବଜାର ଓ ଧାମନଗର ଛକଠାରେ ବେଆଇନ କରତକଳ ଖୁଲମଖୋଲା ଚାଲିଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ମତପ୍ରକାଶ ପାଇଛି।

# ଯୋଗଦେଲେ ନୂତନ ଆଇଆଇସି

ତିହିଡ଼ି,୯।୪(ସଞ୍ଜିତ ବଳ/ କାଳନ୍ଦୀ ବେହେରା)

ତିହିଡ଼ି ଥାନାରେ ନୂତନ ଆଇଆଇସି ଭାବେ ଲୋପାମୁଦ୍ରା ନାୟକ ବୁଧବାର ଯୋଗ ଦେଇଛନ୍ତି। ସେ ଥାନାରେ ପ୍ରଥମ ମହିଳା ଆଇଆଇସି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବାସୁଦେବପୁର ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଥିଲେ। ତିହିଡ଼ି ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ବଦଳି ପରେ ତାଙ୍କ ସ୍ଥାନରେ ଆଇଆଇସି ଲୋପାମୁଦ୍ରାଙ୍କୁ ନିଯୁକ୍ତି ମିଳିଛି। ତିହିଡ଼ି ଥାନା ଅଞ୍ଚଳରେ ଚାଲିଥିବା ନିଶା କାରବାରକୁ ରୋକିବା ସହ ତାଳପଦାରେ ଦେଶୀମଦ ପ୍ରସ୍ତୁତି ବନ୍ଦ କରିବା ଦିଗରେ ଦୃଢ଼ ପଦକ୍ଷେପ ନେବେ। ତିହିଡ଼ି ବଜାର ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବେ ଓ ଦ୍ରୁତଗତିରେ ବାଇକ୍ ଚଳାଇ ଦୁର୍ଘଟଣା ଘଟାଉଥିବା ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ନୂତନ ଆଇଆଇସିଙ୍କୁ ଗୁରୁବାର ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ତିହିଡ଼ି ଯୁବମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ସ୍ୱନକ୍ଷତ୍ର ଉତ୍ସବ ପ୍ରସ୍ତୁତି

ଚାନ୍ଦବାଲି,୯।୪(କିଷାନ ପାତ୍ର)

ଚାନ୍ଦବାଲିର ଆରାଧ୍ୟ ଦେବୀ ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ୩୯ତମ ସ୍ୱନକ୍ଷତ୍ର ଉତ୍ସବ ପାଇଁ ଗୁରୁବାର ମନ୍ଦିର ସଭାଗୃହ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା ସମିତିର ସଭାପତି ଦ୍ୱିଜବର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ନିତ୍ୟାନନ୍ଦ ବିଶ୍ୱାଳ, ବରିଷ୍ଠ ସଦସ୍ୟ ନରେଶ ଚନ୍ଦ୍ର ମାଝୀ, ଶରତ ଚନ୍ଦ୍ର ସାହୁ, ସୁଧୀର କୁମାର ମହାନ୍ତି, ଅମୂଲ୍ୟ କୁମାର ରାଉତ, ନରେନ୍ଦ୍ର ନାଥ ଯତି, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ମେ ୧୧ ବୈଶାଖ ମାସ ଦି୨୮ନ ନବମୀ ତିଥିରେ ମା'ଙ୍କର ପାଷାଣ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଉକ୍ତ ଦିନ ସ୍ଥାନୀୟ ଅଞ୍ଚଳର ମହିଳାଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ସହର ପରିକ୍ରମା କରି ବୈତରଣୀ ନଦୀରୁ ପୂର୍ଣ୍ଣ କୁମ୍ଭ ଜଳ ଆଣି ମା'ଙ୍କୁ ମହାସ୍ନାନ କରାଯିବ। ତା' ପରଦିନଠାରୁ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହର କୀର୍ତ୍ତନ ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା ହୋଇ ନିଷ୍ପତ୍ତି ହୋଇଛି। ଆସନ୍ତା ଡିସେମ୍ବରରେ ମା' କାଳୀଙ୍କର ଶତବାର୍ଷିକୀ ମହୋତ୍ସବ ଅନୁଷ୍ଠିତ ହେବ। ଅରଜିତ ପଣ୍ଡା, ଦୈତାରୀ ନାୟକ, ପ୍ରଫୁଲ୍ଲ କୁମାର ବେହେରା, ଗୟାଧର ସାହୁ, ମନୋଜ କୁମାର ମିଶ୍ର, ରମେଶ ଚନ୍ଦ୍ର ମାଝୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ମନ୍ଦିର ପରିଚାଳନା ସମିତିର କର୍ମକର୍ତ୍ତା।

# ଦଳ ଦେଇଥିବା ଦାୟିତ୍ୱ ତୁଲାଇବି: ସିତାଂଶୁ

**ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କୁ ସ୍ୱାଗତ ପାଇଁ ଶୋଭାଯାତ୍ରା**

ଭଦ୍ରକ/ଭଣ୍ଡାରିପୋଖରୀ,୯।୪
(ସନାତନ ରାଉତ/ରାଜେନ୍ଦ୍ର ଶତପଥୀ)



ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦାୟିତ୍ୱ ମିଳିବା ପରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଭଦ୍ରକ ସଦର ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦାୟିତ୍ୱ ମିଳିବା ପରେ ଗୁରୁବାର ସେ ଭୁବନେଶ୍ୱରରୁ ଭଦ୍ରକ ଫେରିଛନ୍ତି। ଦଳୀୟ କର୍ମୀ ଓ ସମର୍ଥକମାନେ ତାଙ୍କୁ ଜୋରଦାର ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି। ପୂର୍ବାହ୍ନ ୧୧ ଟାରେ ଭଦ୍ରକରେ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ଆରଡ଼ିଛକ ନିକଟସ୍ଥ ନୂତନ ସର୍କିଟ ହାଉସ୍‌ଠାରୁ ଏକ ସୁସଜ୍ଜିତ ଖୋଲାଗାଡ଼ିରେ ବିଧାୟକ ମହାପାତ୍ରଙ୍କୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ସହର ପରିକ୍ରମା ପରେ ଶହୀଦ ସ୍ମୃତି ଭବନରେ ଜିଲା ଭାଜପା ସଭାପତି ଭଗବାନ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ଶୁଭେଚ୍ଛା ଜଣାଇବା ସହ ଭଦ୍ରକ ଜିଲାକୁ ଓଡ଼ିଶାରେ ୧ ନମ୍ବର କରିବାକୁ ଯୋଜନା କମିଟି ଅଧ୍ୟକ୍ଷଙ୍କୁ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ବିଧାୟକ ମହାପାତ୍ର ଦଳ ତାଙ୍କ ଉପରେ ଭରସା କରି ଏହି ଗୁରୁଦାୟିତ୍ୱ ଦେଇଥିବାରୁ ସେ ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ତାଙ୍କୁ ମିଳିଥିବା ଦାୟିତ୍ୱକୁ ସେ ସୂଚାରୁ ରୂପେ ପାଳନ କରିବା ସହ ବରିଷ୍ଠମାନଙ୍କ ପରାମର୍ଶରେ ଜିଲାର ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ ବୋଲି କହିଛନ୍ତି।

ଭାଜପା ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତିକୁ ୨ ବର୍ଷ ମଧ୍ୟରେ ପୂରଣ କରିଛି। ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ, ଭଦ୍ରକ ସହରରୁ ଜବରଦଖଲ ଉଚ୍ଛେଦ ଆଦି ବିଭିନ୍ନ କାର୍ଯ୍ୟ କରାଯାଇଛି। ନିକଟରେ ଗୋ ମାଫିଆଙ୍କ ଘରେ ଚଢ଼ାଉ ହୋଇଥିଲା। ଆଗକୁ ଆହୁରି କିଛି ବଡ଼ଧରଣର ପଦକ୍ଷେପ ନିଆଯିବ ବୋଲି ସେ ଗୋ ଚାଲାଣକାରୀଙ୍କୁ ଚେତାବନୀ ଦେଇଥିଲେ। ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, ବାଣୀକଲ୍ୟାଣ ମହାନ୍ତି, ଜିଲା ଉପସଭାପତି ଅଜୟ ନାୟକ, ଜିଲା ପରିଷଦ ସଭ୍ୟ ମଳୟ ଜେନା, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଊର୍ମିଳା ନାୟକ, ରାଜ୍ୟ ଯୁବମୋର୍ଚ୍ଚାର ମାନସ ସାହୁ, ଯୁବମୋର୍ଚ୍ଚା ଜିଲା ସଭାପତି ଚନ୍ଦନ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଭଣ୍ଡାରିପୋଖରୀ ବ୍ଲକ ଭାଜପା ପକ୍ଷରୁ ଆଖୁଆପଦାଠାରେ ସ୍ୱାଗତ ସହ ବାଇକ୍ ଶୋଭାଯାତ୍ରାରେ ଦଳୀୟ କର୍ମୀ ଓ ଶୁଭେଚ୍ଛୁମାନେ ତାଙ୍କୁ ଭଦ୍ରକ ଅଭିମୁଖେ ନେଇଥିଲେ। ଭାଜପା ନେତା ସୁଧାଂଶୁ, ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲଙ୍କ ସମେତ ବିଭିନ୍ନ ମଣ୍ଡଳର ସଭାପତି ଓ ପଦାଧିକାରୀ ଉପସ୍ଥିତ ଥିଲେ।

**ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱଗ୍ରହଣ**

ଭଦ୍ରକ,(ସନାତନ ରାଉତ): ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର ସନ୍ଧ୍ୟାରେ ନୂତନ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଦାୟିତ୍ୱଗ୍ରହଣ କରିଛନ୍ତି। ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ଜିଲା ଉପସଭାପତି ଅଜୟ ନାୟକଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ତାର୍ପୋଲିନ୍ ଗାଡ଼ି ଅଟକାଇଲେ, ଅଧିକାରୀଙ୍କୁ ତାଲା ପକାଇଲେ





ସ୍ୱାମ କଲ୍ୟାଣମଣ୍ଡପରେ ଆର୍‌ଆଇ ରଞ୍ଜିତା ଜେନା ଓ ଯନ୍ତ୍ରୀ ସୀତାକାନ୍ତ ବେଉରାଙ୍କୁ ଲୋକେ ତାଲା ପକାଇଛନ୍ତି। ମଲ୍ଲୀପୋଷି ରାସ୍ତାରେ ଘଟଗାଁ ଅତିରିକ୍ତ ତହସିଲଦାର ଠାକୁର ଦାସ ନାଏକଙ୍କୁ ଅଟକାଇଛନ୍ତି।

## କାଳବୈଶାଖୀ ପ୍ରଭାବିତଙ୍କୁ ତାର୍ପୋଲିନ ବଣ୍ଟନକୁ ନେଇ ଉତ୍ତେଜନା

**ପାଟଣା,୯।୪(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ୯ ପଞ୍ଚାୟତରେ ଗତ ମଙ୍ଗଳବାର ହୋଇଥିବା କାଳବୈଶାଖୀରେ କ୍ଷତିଗ୍ରସ୍ତଙ୍କୁ ଗୁରୁବାର ତାର୍ପୋଲିନ୍ ବଣ୍ଟନ ସମୟରେ ଉତ୍ତେଜନା ପ୍ରକାଶ ପାଇଛି। ବିଭିନ୍ନ ପଞ୍ଚାୟତରେ ଲୋକେ ଅଧିକାରୀଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ଅନେକ ସ୍ଥାନରେ ତାର୍ପୋଲିନ୍ ଗାଡ଼ି ଅଟକ ରଖିଥିଲେ।

ପ୍ରକାଶ ଯେ, ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସ୍ୱାମ କଲ୍ୟାଣ ମଣ୍ଡପରେ କ୍ଷତିଗ୍ରସ୍ତଙ୍କୁ ତାର୍ପୋଲିନ୍ ବଣ୍ଟନ କରାଯାଉଥିଲା। କେତେଜଣ କ୍ଷତିଗ୍ରସ୍ତଙ୍କ ନାମ କାଟିବା ଓ ଆରଆଇ ଦୁର୍ବ୍ୟବହାର କରିବା ନେଇ ଲୋକେ ପାଟଣା ପିପିଳିଆ ରାସ୍ତା ସ୍ୱାମରେ ରାସ୍ତାରୋକୋ କରିଥିଲେ। ଆର୍‌ଆଇ ରଞ୍ଜିତା ଜେନା ଓ ଯନ୍ତ୍ରୀ ସୀତାକାନ୍ତ ବେଉରାଙ୍କୁ କଲ୍ୟାଣ ମଣ୍ଡପରେ ତାଲା ପକାଇଦେଇଥିଲେ। ପାଟଣା ଅତିରିକ୍ତ ତହସିଲଦାର ଶରଣ ଜେନା ଓ ପୋଲିସ ଫୋର୍ସ ପହଞ୍ଚି ଆରଆଇଙ୍କୁ ଉଦ୍ଧାର କରିଥିଲେ। ଆରଆଇ ଜେନାଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସେହିଭଳି ମୂଷାଖରି ପଞ୍ଚାୟତକୁ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ପଲିଥିନ ବୋଝେଇ ଗାଡ଼ି ନେଉଥିବା ବେଳେ ମୂଷାଖୋରୀ ମଲ୍ଲୀପୋଷି ରାସ୍ତାର ଆହାର ବନ୍ଧ ନିକଟରେ ତାର୍ପୋଲିନ୍ ବୋଝେଇ ଗାଡ଼ିକୁ ମୁଷାନାଳୀ ଗ୍ରାମର ଶତାଧିକ ମହିଳା, ପୁରୁଷ ଅଟକାଇ ଉକ୍ତ ସ୍ଥାନରେ ବଣ୍ଟନ ପାଇଁ ଜିଦ୍ ଧରିଥିଲେ। ଘଟଗାଁ ଅତିରିକ୍ତ ତହସିଲଦାର ଠାକୁର ଦାସ ନାଏକଙ୍କୁ ମଧ୍ୟ ଅଟକ ରଖିଥିଲେ। ପୋଲିସ ପହଞ୍ଚି ଅତିରିକ୍ତ ତହସିଲଦାରଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଆରଆଇ ଅଫିସରେ ତାର୍ପୋଲିନ୍ ବଣ୍ଟନ କରାଯାଇଥିଲା। ସେହିପରି ମିରିଖିଜି ପଞ୍ଚାୟତ ଅସନବାହଳି ପ୍ରାଥମିକ ବିଦ୍ୟାଳୟରେ ସନ୍ଧ୍ୟାରେ ତାର୍ପୋଲିନ୍ ବଣ୍ଟନ ବେଳେ ସମସ୍ତ କ୍ଷତିଗ୍ରସ୍ତ ତାର୍ପୋଲିନ୍ ପାଇବାରୁ ଉତ୍ତ୍ୟକ୍ତ ହୋଇ ଯନ୍ତ୍ରୀ ସୌମ୍ୟ ରଞ୍ଜନ ବେହେରା, ପିଇଓ ଜଗବନ୍ଧୁ ଦେହୁରୀ, ଏଡିଇଓ କବିରାଜ ମହାନ୍ତଙ୍କୁ ସ୍କୁଲ ଭିତରେ ରଖି ତାଲାମାରି ଦେଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ପୋଲିସ ପହଞ୍ଚି ନ ଥିବା ଜଣାପଡ଼ିଛି। ପାଟଣା ତହସିଲଦାର ଅଶିନୀ ନାଏକ କହିଛନ୍ତି, ଗୁରୁବାର ସନ୍ଧ୍ୟା ସୁଦ୍ଧା ୪୭ ଶହ କ୍ଷତିଗ୍ରସ୍ତଙ୍କୁ ତାର୍ପୋଲିନ୍ ବଣ୍ଟନ କରାଯାଇଛି। ସ୍ଥିତି ସମ୍ଭାଳିବା ପାଇଁ ଓ ଲୋକଙ୍କ କଥା ବୁଝିବା ପାଇଁ ୧୦ ଅଫିସର ଓ ୬୦ କର୍ମଚାରୀଙ୍କ ଶହ ଏକ ପ୍ଲାଟୁନ ଫୋର୍ସ ନିୟୋଜିତ ଅଛନ୍ତି। ସ୍ଥିତି ନିୟନ୍ତ୍ରଣକୁ ଆସିଛି। ଆଉ ୧ ହଜାର ପାଖାପାଖି ପଲିଥିନ ଦରକାର ପଡ଼ିପାରେ ବୋଲି ବୋଲି କହିଛନ୍ତି। ଅନ୍ୟପକ୍ଷେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯଥାସମ୍ଭବ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ଅସରାଏ ବର୍ଷାରେ ଗାଁ ରାସ୍ତାରେ ଜମୁଛି ପାଣି



ରାସ୍ତାରେ ପାଣି ଜମିଛି।

**ଆନନ୍ଦପୁର,୯।୪(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ମଠସାହି ମୁଖ୍ୟ ରାସ୍ତାରେ ପାଣି ନିଷ୍କାସନରେ ସମସ୍ୟା ହେଉଛି। ସାମାନ୍ୟ ବର୍ଷାରେ ରାସ୍ତା ମଝିରେ ପ୍ରାୟ ୨ ଫୁଟ୍ ଉଚ୍ଚର ପାଣି ଜମି ରହୁଛି। ଫଳରେ ରାସ୍ତା ଦେଇ ଯାତାୟାତରେ ଲୋକେ ଅସୁବିଧା ଭୋଗୁଛନ୍ତି। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ୍‌ବ୍ୟବସ୍ଥା ନ ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଗ୍ରାମର ଦେବେନ୍ଦ୍ର ରାଉତ, ବିକାଶ ବାରିକ, ଲଛମନ ଦାସ, ସୁଦର୍ଶନ ପଲେଇ, ପୂର୍ଣ୍ଣଚନ୍ଦ୍ର ରାଉତ, ରାଧାଶ୍ୟାମ ବାରିକ, ରତ୍ନାକର ବେହେରା, ଲୋକନାଥ ପାତ୍ର, ବିଶ୍ୱନାଥ ପାତ୍ର କହିଛନ୍ତି। ଏ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ, ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଦେଇ ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର

**କେନ୍ଦୁଝର,୯।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ପ୍ରଶାସନ ଓ ଜିଲା ରେଡକ୍ରସ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସ ଅବସରରେ ବୁଧବାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ରକ୍ତଦାନ ଅଭିଯାନରେ ଜିଲାର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ। ମୋଟ ୮୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ, ଏଥି ମଧ୍ୟରୁ ଜିଲା ରକ୍ତ ଭଣ୍ଡାରରୁ ୧୫ ୟୁନିଟ୍, ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରୁ ୨୭ ୟୁନିଟ, ଧରଣୀଧର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩୦ ୟୁନିଟ୍ ଏବଂ ଦରବାର ହଲଠାରେ ଆୟୋଜିତ ଶିବିରରୁ ୧୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ରକ୍ତଭଣ୍ଡାର ଅଧିକାରୀ ଡା. ରବିମଙ୍ଗତ ମାରାଣ୍ଡି, ରକ୍ତକେନ୍ଦ୍ର ସମ୍ପାଦକ ଏଆର ଖାନ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଯୁବ ରେଡ୍‌କ୍ରସ କାଉନ୍‌ସିଲର, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ, ରେଡ୍‌କ୍ରସ ଅଧିକାରୀ, ସାମାଜିକକର୍ମୀ ଡା. ସଂଜୀବ ଓଭା, ସହକାରୀ ଜିଲାପାଳ ସନ୍ତୋଷ ଜେନା, ସୂର୍ଯ୍ୟଙ୍କିତା ସାହୁ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରିଥିଲେ। ଅତିଥିମାନେ ରକ୍ତଦାତାଙ୍କୁ ସମ୍ମାନଜନକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଜିଲା ରେଡ୍‌କ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରକ୍ତକେନ୍ଦ୍ରର ବୈଷୟିକ କର୍ମଚାରୀଙ୍କ ସହାୟତାରେ ରକ୍ତ ସଂଗ୍ରହ ପ୍ରକ୍ରିୟା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ଘର ଭାଙ୍ଗିଲା, ଗଛ ଉପୁଡ଼ିଲା

## ସାହାରପଡ଼ାରେ କାଳବୈଶାଖୀ ତାଣ୍ଡବ

**ପାଟଣା,୯।୪(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ବୁଧବାର କାଳବୈଶାଖୀ ତାଣ୍ଡବ ରଚିଛି। ସକାଳୁ ରାଇଡ଼ିହା ପଞ୍ଚାୟତ ଓ ଅପରାହ୍ନରେ ମଲହାରପଦା, ବାଇକଳା ପଞ୍ଚାୟତ ଅଞ୍ଚଳରେ ବର୍ଷା ପବନ ସହ କୁଆପଥର ମାଡ଼ ହୋଇଥିଲା। ଭୋର ସମୟରେ ଶିଆଳିଯୋଡ଼ା ଗ୍ରାମରେ ଘୂର୍ଣ୍ଣିଝଡ଼ ଯୋଗୁ ଭୀଷଣ ପବନରେ ଗ୍ରାମର ମନମୋହନ ମହାନ୍ତ ଓ ମିଳନ ମହାନ୍ତଙ୍କ ଘର ଭାଙ୍ଗିରୁଜି ଯାଇଛି। ୨ ଜଣ ଆହତ ହୋଇଥିଲେ। ସାହାରପଡା ବିଡ଼ିଓ ରଣଜିତ ମହାନ୍ତ ସଦଳବଳେ ଶିଆଳିଯୋଡ଼ା ଓ ଅନ୍ୟାନ୍ୟ ଗ୍ରାମ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବାକୁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।



ରାସ୍ତାରେ ଉପୁଡ଼ି ପଡ଼ିଥିବା ବିଶାଳ ଗଛ।

# ରାସ୍ତା, ଡ୍ରେନ୍ ନିର୍ମାଣ ନ ହେଲେ ଭୋଟ ବର୍ଜନ

## ବନାଯୋଡ଼ି ଭୁରୁଡ଼ି ସାହିକୁ ପ୍ରଶାସନର ଅବହେଳା ଅଭିଯୋଗ

**କେନ୍ଦୁଝର,୯।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ବନାଯୋଡ଼ି ଗ୍ରାମର ଭୁରୁଡ଼ିସାହିକୁ ଅବହେଳା ଅଭିଯୋଗ ହୋଇଛି। ସାହିକୁ ଭଲ ରାସ୍ତା ନ ଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ନିର୍ମାଣ ହେଉନାହିଁ। ଡ୍ରେନ୍ ନ ଥିବାରୁ ଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି। ତେଣୁ ରାସ୍ତା ଓ ଡ୍ରେନ୍ ନିର୍ମାଣ ନ ହେଲେ ଗ୍ରାମବାସୀ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଅଭିଯୋଗ ମୁତାବକ, ଦୀର୍ଘ ୧ ବର୍ଷ ଧରି ସାହି ରାସ୍ତାରେ ମାଟି ମୁଠେ ପଡୁ ନ ଥିବାରୁ ଖାଲଖମା ସୃଷ୍ଟି ହୋଇଛି। ଫଳରେ ବାଇକ୍, ସାଇକେଲ ଆଦି ନେଇ ଯିବା ଆସିବାରେ ଲୋକେ ଭାରି ହଇରାଣ ହେଉଛନ୍ତି। ଡ୍ରେନ୍ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଘରେ ପାଣି ପଶୁଛି। ସାମାନ୍ୟ ବର୍ଷା ହେଲେ ପୋଖରୀ ଭ୍ରମ ସୃଷ୍ଟି ହେଉଛି। ବିଭିନ୍ନ ସ୍ତରରେ ଅଭିଯୋଗ ହୋଇ ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ବନାଯୋଡ଼ି ୨୦ ନମ୍ବର ଜାତୀୟ ରାଜପଥର ସର୍ଭିସ୍ ରାସ୍ତା ନିକଟରୁ ଭୁରୁଡ଼ିସାହି ଚତୁର୍ଭୁଜ ଦେହୁରୀଙ୍କ ଘର ନିକଟକୁ କଂକ୍ରିଟ ରାସ୍ତା ଓ ଡ୍ରେନ୍ ବ୍ୟବସ୍ଥା କରାଯିବାକୁ ଲୋକନାଥ ଅମାନ୍ତ, ନାରାୟଣ ବାରିକ, ଦିଲୀପ ବାରିକ, ଶାନ୍ତିଲତା ଦେହୁରୀ, ଇଲାଚି ଗିରି, କୁନୁ ନାଏକ, ପ୍ରିୟତମା ନାଏକ, ଚଞ୍ଚଳା ନାଏକ, ଶାନ୍ତିଲତା ଦେହୁରୀ ପ୍ରମୁଖ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଭୋଟ ବର୍ଜନ କରିବାକୁ ବୈଠକକରି ନିଷ୍ପତ୍ତି ନେଇଛନ୍ତି। ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିବେ ବୋଲି କହିଛନ୍ତି।



ଭୁରୁଡ଼ି ସାହିବାସିନ୍ଦା।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ଗିରଫ

**ବଞ୍ଚୋ/ଆନନ୍ଦପୁର/ ହାଟଡ଼ିହୀ,୯।୪ (ପ୍ରଦୋଷ କୁମାର ବିଶ୍ୱାଳ/ ସୁଶାନ୍ତ କୁମାର ସାହୁ/ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳରେ ଘଟିଥିବା ଦିବ୍ୟାଙ୍ଗ ନାବାଳିକା ବଳାତ୍କାର ଘଟଣାରେ ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଥାନା ଅଞ୍ଚଳର ବଳରାମ ହୋ(୨୮)। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ସୂଚନା ଅନୁସାରେ, ଥାନା ଅଞ୍ଚଳର ଦୃଷ୍ଟିବାଧିତ ଦିବ୍ୟାଙ୍ଗ ନାବାଳିକାଙ୍କୁ ପ୍ରାୟ ୪ ମାସ ପୂର୍ବେ ଗାଁ ନିକଟ ନାଳରେ ସ୍ନାନ କରୁଥିବାବେଳେ ଅଭିଯୁକ୍ତ ବଳାତ୍କାର କରିଥିଲେ। ଭୟ ଓ ଧମକର କାରଣରୁ ନାବାଳିକା ଦୀର୍ଘଦିନ ଧରି ଘଟଣା ବିଷୟରେ କାହାକୁ କିଛି କହି ନ ଥିଲେ। ପରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ୪ ମାସର ଗର୍ଭବତୀ ଥିବା ଡାକ୍ତର କହିଥିଲେ। ପରେ ପୀଡ଼ିତା ପରିବାର ଲୋକଙ୍କୁ ସମସ୍ତ କଥା ଜଣାଇଥିଲେ। ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କୁ ଗିରଫ ଏବଂ ନ୍ୟାୟ ଦାବିରେ ଗାଁରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଧର୍ମପୀଠରେ ଭଙ୍ଗାରୁଜା, ଜଳାପୋଡ଼ା କରିଥିଲେ। ଏସ୍‌ପି ନୀତିନ୍ କୁଶଳକ ପହଞ୍ଚି ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୯୬/୨୬) ରୁଜୁ କରିଥିଲା। ଆନନ୍ଦପୁର ଏସ୍‌ଡିପିଓ କମଳ ଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ରାଜ୍ୟ ବାହାରୁ ଧରିବାରେ ସଫଳ ହୋଇଛି। ପୀଡ଼ିତାଙ୍କୁ ନ୍ୟାୟ ଦେବା ସହ ଅଭିଯୁକ୍ତଙ୍କୁ କଠୋର ଶାସ୍ତି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଧାନକ୍ରୟରେ ରେକର୍ଡ, ମୁଖ୍ୟମନ୍ତ୍ରୀଙ୍କୁ କୃଷକ ନେତାଙ୍କ ଧନ୍ୟବାଦ

**ବଞ୍ଚୋ,୯।୪(ପ୍ରଦୋଷ କୁମାର ବିଶ୍ୱାଳ)**

ଚଳିତ ବର୍ଷ ଖରିଫ ଧାନକ୍ରୟ ପ୍ରକ୍ରିୟାରେ ରାଜ୍ୟ ସରକାର ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଧାନ କ୍ରୟରେ ନୂତନ ରେକର୍ଡ ସୃଷ୍ଟି ହୋଇଛି। ୨୦୨୫ ନଭେମ୍ବର ୧୫ରୁ ୨୦୨୬ ଏପ୍ରିଲ ୮ ପର୍ଯ୍ୟନ୍ତ ପ୍ରାୟ ୫ ମାସ ଧରି ଚାଲିଥିବା ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟର ୪,୧୧୯ଟି ଧାନମଣ୍ଡୀ ମାଧ୍ୟମରେ କ୍ରୟ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅଭିଯାନରେ ୧୮ ଲକ୍ଷ ୮୫ ହଜାରରୁ ଅଧିକ ଚାଷୀ ଅଂଶଗ୍ରହଣ କରିଥିବା ବେଳେ, ସରକାର ମୋଟ ୭୭ ଲକ୍ଷ ୭୯ ହଜାର ମେଟ୍ରିକ ଟନ ଧାନ କ୍ରୟ କରିଛନ୍ତି। ଚାଷୀଙ୍କୁ ସରକାର ପକ୍ଷରୁ ୨୪,୧୧୪ କୋଟି ଟଙ୍କା ସିଧାସଳଖ ତାଙ୍କର ବ୍ୟାଙ୍କ ଖାତାକୁ ଜମା କରାଯାଇଛି। ସରକାରୀ ତଥ୍ୟ ଅନୁଯାୟୀ ଖରିଫ ୨୦୨୫-୨୬ ଋତୁରେ ମୋଟ ୭୮ ଲକ୍ଷରୁ ଅଧିକ ମେଟ୍ରିକ ଟନ ଧାନ କ୍ରୟ କରାଯାଇଥିବା ବେଳେ, ଗତ ବର୍ଷ ଏହା ପ୍ରାୟ ୭୩ ଲକ୍ଷ ମେଟ୍ରିକ ଟନ୍ ଥିଲା। ଚାଷୀଙ୍କ ସୁବିଧା ପାଇଁ ଏଥର ୪,୮୬୯ଟି ଧାନ ମଣ୍ଡି ଖୋଲାଯାଇଥିଲା ଏବଂ ପ୍ରତି କୁଇଣ୍ଟାଲ ୩,୧୦୦ ଟଙ୍କା ହାରରେ ଧାନ କ୍ରୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା କୃଷକ ନେତା ମହେଶ୍ୱର ସାହୁ ଏକ ପ୍ରେସ୍ ଇସ୍ତାହାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି। ସମସ୍ତଙ୍କ ସହଯୋଗ ଫଳରେ ଓଡ଼ିଶାରେ ଧାନକ୍ରୟ ପ୍ରକ୍ରିୟା କୃଷି କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିଥିବା ସହ ଚାଷୀଙ୍କ ଆର୍ଥିକ ସ୍ୱାବଲମ୍ବନକୁ ଆହୁରି ମଜବୁତ କରିଛି। ସରକାର ଆଗାମୀ ଦିନରେ ମଧ୍ୟ ଏହି ଗତିକୁ ଜାରି ରଖିବାକୁ ପ୍ରତିବଦ୍ଧ ବୋଲି କହିଥିଲେ।

# ମହିଳା ମହାବିଦ୍ୟାଳୟରେ 'ଆସ ବହିଟିଏ କିଣିବା ଅଭିଯାନ'

**କେନ୍ଦୁଝର,୯।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସରକାରୀ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ଉପଲକ୍ଷେ ଗୁରୁବାର 'ଆସ ବହିଟିଏ କିଣିବା ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ୩ଟି ସ୍ଥାନୀୟ ପୁସ୍ତକ ପ୍ରକାଶକ ମହାବିଦ୍ୟାଳୟର ପରିସରରେ ପୁସ୍ତକ ପ୍ରଦର୍ଶନ କରିଥିଲେ। ପୁସ୍ତକ ପ୍ରଦର୍ଶନ ଦ୍ୱାରା ପାଠାନୁରାଗ ବୃଦ୍ଧି କରିବା ଓ ଛାତ୍ରୀଙ୍କ ମଧ୍ୟରେ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଅନେକ ଶହ ଛାତ୍ରୀ ଭାଗ ନେଇଥିଲେ। ଏପରିକି ୧୭ଟି ବିଭାଗର ଛାତ୍ରୀ ପୁସ୍ତକ କିଣିବା ସହ ସେଲ୍ଫି ନେଇ ଓଡ଼ିଆ ପକ୍ଷ ୱେବ୍‌ସାଇଟରେ ଛାଡ଼ିଥିଲେ। ଏହାର ଗୁରୁତ୍ୱ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ସଚେତନତା ସୃଷ୍ଟି କରିଥିଲେ। ବିଶେଷତଃ ଯୁବପିଢ଼ୀ ମଧ୍ୟରେ ପଢ଼ିବା ଅଭ୍ୟାସ କମିଯାଉଥିବା ପରିପ୍ରେକ୍ଷୀରେ, ଏହିପରି ଅଭିଯାନ ଜ୍ଞାନର ପ୍ରସାର ପାଇଁ ଅତ୍ୟନ୍ତ ଉପକାରୀ ବୋଲି ଆୟୋଜକମାନେ ମତ ପ୍ରକାଶ କରିଥିଲେ। ସମସ୍ତଙ୍କୁ ପ୍ରତିମାସରେ ଅତି କମରେ ଗୋଟିଏ ବହି କିଣି ପଢ଼ିବା ଓ ଉପହାର ଦେବା ପାଇଁ ଆହ୍ୱାନ କରାଯାଇଥିଲା।



ଅତିଥି, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀ ପୁସ୍ତକ ଦେଖାଉଛନ୍ତି।

# ମହିଳାଙ୍କ ଘର ଆଗରେ ବାଡ଼ ବୁଜିଲେ

## ନ୍ୟାୟ ନ ମିଳିଲେ ଗାଁ ଛାଡ଼ିବେ

**ହାଟଡିହୀ,୯।୪(ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା ଗ୍ରାମରେ ଜଣେ ମହିଳାଙ୍କ ଘର ଆଗରେ ଗ୍ରାମର ଏକ ପରିବାରର ଲୋକେ ବାଡ଼ ବୁଜିବା ସହ ଗାଁ ଛାଡ଼ି ଚାଲିବାକୁ ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି । ପୋଲିସ ପହଞ୍ଚି ବାଡ଼ ହଟାଇଥିବାବେଳେ ନ୍ୟାୟ ଓ ସୁରକ୍ଷା ନ ମିଳିଲେ ଗାଁ ଛାଡ଼ି ପଳାଇବାକୁ ବାଧ ହେବେ ବୋଲି ସମ୍ପୃକ୍ତ ମହିଳା କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଅଁରାର ସ୍ୱର୍ଗତ ମହେଶ୍ୱର ନାୟକଙ୍କ ବିଧବା ସ୍ତ୍ରୀ ମନୋରମା(୪୭)ଙ୍କୁ ଗ୍ରାମର ଗୌରାଙ୍ଗ ନାୟକ, ତାଙ୍କ ପୁଅ ପ୍ରିୟବ୍ରତ ଏବଂ ସ୍ତ୍ରୀ ସରସ୍ୱତୀ ମିଳିତ ଭାବେ ଦେଢ଼ ମାସ ପୂର୍ବେ ଘରେ ପଶି ମାଡ଼ ମାରିଥିଲେ। ତାଙ୍କୁ ଘରୁ ଟାଣି ଆଣି ବାହାର କରିଦେଇଥିଲେ। ଏପରିକି ଘର ଛାଡ଼ି ନ ଗଲେ କିମ୍ବା ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ବିଧବା ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ବାପ, ପୁଅ, ସ୍ତ୍ରୀଙ୍କ ନାମରେ ମାମଲା(ନଂ. ୭୭/୨୦୨୬) ରୁଜୁ କରିଛି। କିନ୍ତୁ ଅଦ୍ୟାବଧି କେହି ଗିରଫ ହୋଇ ନାହାନ୍ତି। ପୁନଶ୍ଚ ଗୁରୁବାର ଅଭିଯୁକ୍ତମାନେ ସମ୍ପୃକ୍ତ ମହିଳାଙ୍କ ଘର ଆଗରେ ବାଡ଼ ବୁଜି ଦେଇଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯିବା ପରେ ବାଡ଼ ଉପୁଡ଼ା ଯାଇଥିଲା। ମାମଲା ତଦନ୍ତ କରୁଥିବା ଏସ୍‌ଆଇ ସୁଷମା ସୁନ୍ଦରୀ ସେଠୀ କହିଛନ୍ତି, ଘଟଣା ଉପରେ ନଜର ରଖାଯାଉଛି। ଉପଯୁକ୍ତ ତଦନ୍ତ ସହ ଉଚିତ ପଦକ୍ଷେପ ନିଆଯାଉଛି। ବିଧବା ମହିଳା ମନୋରମା କହିଛନ୍ତି, ସେ ଭୟଭୀତ ଅବସ୍ଥାରେ ଜୀବନ ବିତାଉଛନ୍ତି। ଯଦି ଉପଯୁକ୍ତ ନ୍ୟାୟ ଓ ସୁରକ୍ଷା ନ ମିଳେ ଜୀବନ ବଞ୍ଚାଇବା ପାଇଁ ସେ ଗାଁ ଛାଡ଼ି ପଳାଇବେ ବୋଲି କହିଛନ୍ତି। ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ଭଗବାନ ମଲିକ ଏଭଳି ସ୍ଥିତିକୁ ଜଙ୍ଗଲରାଜ ଆଖ୍ୟା ଦେଇ ଏହି ଘଟଣାରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହସ୍ତକ୍ଷେପ କରିବା ଜରୁରୀ ବୋଲି କହିଛନ୍ତି।

# ପାଣ୍ଠି ସତ୍ତ୍ୱେ ସୁବିଧାରୁ ବଞ୍ଚିତ ଖଣି ଅଞ୍ଚଳବାସୀ

## ଜିଲା ଖଣିଜ ପାଣ୍ଠିରେ ୧୨ ହଜାରରୁ ଉର୍ଦ୍ଧ୍ୱ କୋଟି

**ଯୋଡ଼ା,୯।୪(ମାନସ ମହାନ୍ତି)**

ଓଡ଼ିଶାର ସର୍ବାଧିକ ଖଣି କେନ୍ଦୁଝର ଜିଲାରେ ରହିଛି। ଖଣି ଦ୍ୱାରା ପ୍ରଭାବତି ଅଞ୍ଚଳର ଉନ୍ନତି ପାଇଁ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍) ଖୋଲାଯାଇ ଜିଲାର ସାମୂହିକ ଓ ଖଣି ପ୍ରଭାବିତ ଅଞ୍ଚଳର ବିକାଶ ଲକ୍ଷ୍ୟ ରଖାଯାଇଥିଲା। ଖଣିରୁ ରାଜ୍ୟ ସରକାର ମଧ୍ୟ ଅଜସ୍ର ରାଜସ୍ୱ ପାଉଛନ୍ତି। ମାତ୍ର ଜିଲା ଖଣିଜ ପାଣ୍ଠିରେ ୧୨ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ମହଜୁଦ ଥିଲେ ହେଁ ଖଣି ଅଞ୍ଚଳର ବିକାଶ ଫାଇଲ ତଳେ ରହିଯାଇଛି। ଅନେକ ଗାଁକୁ ଭଲ ରାସ୍ତା ନ ଥିବା ବେଳେ ସ୍କୁଲ, ପିଇବା ପାଣି ଆଦି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ରହିଛନ୍ତି।

ପ୍ରକାଶ ଯେ, ଜିଲାରେ ସମୁଦାୟ ୯୮ ଗୋଟି ଖଣି ରହିଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ପ୍ରାୟ ୨୦ ହଜାର କୋଟି ଟଙ୍କା ଖଣି ରାଜସ୍ୱ ପାଇଛନ୍ତି। କେନ୍ଦୁଝରରେ ଖର୍ଚ୍ଚହେବା ପାଇଁ ଜିଲା ଖଣିଜ ପାଣ୍ଠିକୁ ପ୍ରାୟ ୧୨ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ୧୦ ବର୍ଷ ମଧ୍ୟରେ ଆଦାୟ ହୋଇଛି। ଅନ୍ୟପକ୍ଷେ ଅଜସ୍ର ପ୍ରିମିୟମ ଡାକ ଦେଇ ଖଣି ହାତେଇଥିବା କମ୍ପାନୀଗୁଡ଼ିକଠାରୁ ରାଜ୍ୟ ସରକାର ଅନେକ ହଜାର କୋଟି ଟଙ୍କା ଖଣି ପ୍ରିମିୟମ ହାତଉଛନ୍ତି। ତେବେ ଜିଲା ଖଣିଜ ପାଣ୍ଠି ଦ୍ୱାରା ଆଦାୟ ଅର୍ଥ କେବଳ ଜିଲାର ଖଣି ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ କରାଯିବାର ପ୍ରାବଧାନ ରହିଛି। ମାତ୍ର ୨୦୧୫ରୁ ଡିଏମ୍‌ଏଫ୍ ଆଦାୟ ହେବା ପରଠାରୁ ଜିଲାରେ ଆଖି ଦୃଶିଆ ବିକାଶ ହୋଇନାହିଁ। ଖଣି ପ୍ରଭାବିତ ଅଞ୍ଚଳ କିରିବୁରୁ, ବଲାଣି, ବଡ଼ବିଲ, ରୁଗୁଡ଼ି, ଗୁଆଲି, ରୋଇଡ଼ା, ଯୋଡ଼ା, ବିଲେଇପଦା, ମୁର୍ଗା, ଦେଓଝର, ଜଲହରି, ଜୁରୁଡ଼ି, ବାମେବାରି, ପଲଶା, କାଳିମାଟି, ଦୁବୁନା ପ୍ରଭୃତି ଅଞ୍ଚଳରେ ରାସ୍ତା, ପାଣି, ଶିକ୍ଷା, ବାସଗୃହ ଭଳି ମୌଳିକ ସୁବିଧା ମଧ୍ୟ ମିଳିପାରୁନାହିଁ। ଖଣିଜ ପାଣ୍ଠିରୁ ଅର୍ଥ ବିନିଯୋଗ କରି ଖଣି ସମୃଦ୍ଧ ଅଞ୍ଚଳରେ ଏକ ସୁପର ସ୍ପେଶାଲ ଡାକ୍ତରଖାନା, ଜର୍ଜରିତ ରାସ୍ତାର ପୁନଃ ନିର୍ମାଣ, ବିଦ୍ୟାଳୟ ସହିତ ଏକ ବୈଷୟିକ ବିଦ୍ୟାଳୟ ବା ଟେକ୍ନିକାଲ ଇନ୍‌ଷ୍ଟିଚ୍ୟୁଟ ଖୋଲିବା ପାଇଁ ଉପାନ୍ତ ଅଞ୍ଚଳବାସୀ ଦାବି କରିଛନ୍ତି। ଯୋଡ଼ାରେ ଗୋଟିଏ ମାତ୍ର ମହିଳା ମହାବିଦ୍ୟାଳୟ ଥିବା ବେଳେ ସାଧାରଣ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମଧ୍ୟ ଦାବି ହୋଇଛି।

ଭଏସ୍ ଅଫ୍ କେନ୍ଦୁଝରର ଅଧ୍ୟକ୍ଷ ଡ. ସନ୍ଦୀପ ପଟ୍ଟନାୟକ କହିଛନ୍ତି, ୨୦୧୫ରୁ ୧୨ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା କେବଳ ଯୋଡ଼ା ଖଣି ମଣ୍ଡଳରୁ ଆଦାୟ ହୋଇଛି। ତତ୍କାଳୀନ ସରକାର ହାତଗଣତି ପାଣିପମ୍ପ, ଦିବ୍ୟାଙ୍ଗଙ୍କୁ ଉପକରଣ, ସୋଲାର ଲାଇଟ ଦେଇ ଜିଲାବାସୀଙ୍କୁ ଭୁଆଁ ବୁଲାଇଥିଲେ। ବାହାର ରାଜ୍ୟର କିଛି ଅନାମଧେୟ କମ୍ପାନୀକୁ ଡାକି ସ୍ଥାନୀୟ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ନାମରେ ଲୁଟ୍ କରିଥିଲେ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ଡିଏମ୍‌ଏଫ୍‌କୁ ସୁବିନିଯୋଗ ପାଇଁ ଜଣେ ସିଇଓଙ୍କୁ ନିଯୁକ୍ତି କରାଯାଇଛି। ଏହାର ସୁବିନିଯୋଗ କିପରି କରାଯିବ ଏହା ଉପରେ ଜିଲାବାସୀଙ୍କ ଅନେକ ଆଶା ରହିଛି ବୋଲି ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି। ରାଜ୍ୟ ଭାଜପାର ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି, ଅତୀତରେ ବିରୋଧୀ ଦଳ ଭୂମିକାରେ ଅବତୀର୍ଣ୍ଣ ଥିବା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲା ଖଣିଜ ପାଣ୍ଠିର ସ୍ୱଚ୍ଛତା ଏବଂ ଆବଣ୍ଟନ ଉପରେ ବାରମ୍ବାର ପ୍ରଶ୍ନ ଉଠାଇ ଆସୁଥିଲେ। ରାଜ୍ୟ ଶାସନ ଭାର ସମ୍ଭାଳିବା ପରେ ପ୍ରାରମ୍ଭିକ ସ୍ତରରେ ପାଣ୍ଠିର ସ୍ୱଚ୍ଛତା ଆଣିବା ଦିଗରେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଏହାର ଆବଣ୍ଟନ ଉପରେ ନଜର ରଖିବା ପାଇଁ ନିଯୁକ୍ତି ଦିଆଯାଇଛି। ପାଣ୍ଠିରେ ଜିଲାର ଅନେକ ବିକାଶମୂଳକ କାର୍ଯ୍ୟ କରିବା ପାଇଁ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଉଛି।



ଖଣି ଅଞ୍ଚଳର ଜର୍ଜରିତ ସଡ଼କ।

| ବର୍ଷ | ଆଦାୟ (କୋଟିରେ) |
|---|---|
| ୨୦୧୬-୧୭ | ୧୪୯ |
| ୨୦୧୭-୧୮ | ୬୪୧ |
| ୨୦୧୮-୧୯ | ୧୨୬୫ |
| ୨୦୧୯-୨୦ | ୧୪୩୨ |
| ୨୦୨୦-୨୧ | ୯୮୧ |
| ୨୦୨୧-୨୨ | ୧୯୨୫ |
| ୨୦୨୨-୨୩ | ୧୩୯୬ |
| ୨୦୨୩-୨୪ | ୧୪୭୨ |
| ୨୦୨୪-୨୫ | ୧୩୬୨ |
| ୨୦୨୫-୨୬ | ୧୫୭୩ |

